بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7 | ସଂଖ୍ୟା 50

ସାପ୍ତାହିକ ବଦର

Weekly BADAR Qadian Odia — କାଦିଆନ

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

15 ଡ଼ିସେମ୍ବର୍ 2022    15 ଫତାଃ 1401 ହି.ଶ    20 ଜମାଦିଲ୍ ଅୱ୍ୱଲ୍ 1444 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَاِذَا قُرِیَٔ الۡقُرۡاٰنُ
فَاسۡتَمِعُوۡا لَہٗ
وَاَنۡصِتُوۡا لَعَلَّکُمۡ تُرۡحَمُوۡنَ

(205:الاعراف)

ଅନୁବାଦ- ଏବଂ ହେ (ଲୋକମାନେ !) ଯେତେବେଳେ ପବିତ୍ର କୁରଆନ୍ ପାଠ କରାଯାଏ (ସେତେବେଳେ) ତାହାକୁ ଶ୍ରବଣ କର ଏବଂ ନୀରବ ରୁହ, ଯଦ୍ଦ୍ୱାରା କି ତୁମମାନଙ୍କ ପ୍ରତି କରୁଣା କରାହେବ *(ସୁରଃ : ଅଲ୍ ଆରାଫ୍ : ୨୦୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ·ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱ୍ୱର[ଅ·ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ·ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍‌ରିହି ୱ୍ୱ ଅମ୍‌ରିହି ॥**

କେବଳ ଅଶ୍ଳୀଳତା ବ୍ୟତୀତ ମହିଳାମାନଙ୍କର ଅନ୍ୟ ସମସ୍ତ ଦୁର୍ଗୁଣ ଏବଂ ତିକ୍ତତାକୁ ସହ୍ୟ କରିନେବା ଉଚିତ ।

## ହଜରତ ମସିହ ମଉଦ[ଆ·ସ]ଙ୍କ ନୀତି ବାଣୀ

### ସୁନ୍ଦର ଦାମ୍ପତ୍ୟ ଜୀବନ

ସ୍ତ୍ରୀ ମାନଙ୍କ ସହିତ ଉତ୍ତମ ବ୍ୟବହାର କରିବା ସମ୍ବନ୍ଧରେ ହଜରତ୍ ମସିହ୍ ମଉଦ୍ ଆ ସ କହିଛନ୍ତି :

"କେବଳ ଅଶ୍ଳୀଳତା ବ୍ୟତୀତ ମହିଳାମାନଙ୍କର ଅନ୍ୟ ସମସ୍ତ ଦୁର୍ଗୁଣ ଏବଂ ତିକ୍ତତାକୁ ସହ୍ୟ କରିନେବା ଉଚିତ ।''

ପୁଣି କହିଲେ :"ପୁରୁଷ ହୋଇ ମହିଳାଙ୍କ ସହିତ ଲଢ଼ିବା ଆମ ପାଇଁ ଅତ୍ୟନ୍ତ ଲଜ୍ଜାଜନକ କଥା । ଅଲ୍ଲାଃତାଲା ଆମକୁ ପୁରୁଷ କରି ଗଢ଼ିଛନ୍ତି । ବାସ୍ତବରେ ଏହା ଆମମାନଙ୍କ ଉପରେ ତାହାଙ୍କର ବହୁତ ବଡ଼ ଅନୁଗ୍ରହ । ତେଣୁ ତାପାଇଁ (ଅଲ୍ଲାଃଙ୍କ) କୃତଜ୍ଞତା ଜ୍ଞାପନ କରିବା ଏପରି ହେବ କି ସେ ମହିଳାମାନଙ୍କ ସହିତ ନମ୍ର ଏବଂ ଭଦ୍ର ବ୍ୟବହାର କରୁ । ଏକଦା ଜଣେ ବନ୍ଧୁଙ୍କର ଅଶିଷ୍ଟତା ଏବଂ କୁଭାଷା ପ୍ରୟୋଗ କରିବା ବିଷୟରେ କଥା ଉଠିଲା,ଏବଂ ତାଙ୍କ ସମ୍ବନ୍ଧରେ ଏ ଅଭିଯୋଗ ହେଲା ଯେ ସେ ତାଙ୍କ ପତ୍ନୀଙ୍କ ସହିତ ବି କଠୋର ବ୍ୟବହାର କରୁଛନ୍ତି । ହଜୁର୍ ଆ ସ ଏକଥା ଶୁଣି ବହୁତ ଦୁଃଖିତ ହେଲେ ଏବଂ କହିଲେ :

"ଆମ ଲୋକମାନଙ୍କୁ ଏପରି ହେବା ଉଚିତ ନୁହେଁ ।''

ହଜୁର ଆ ସ ବହୁ ସମୟ ପର୍ଯ୍ୟନ୍ତ ମହିଳାମାନଙ୍କ ପ୍ରତି ସଦ୍‌ବ୍ୟବହାର କରିବା ସମ୍ବନ୍ଧରେ କଥା ଜାରି ରଖିଲେ ଏବଂ ଶେଷରେ କହିଲେ :

"ମୋର ଅବସ୍ଥା ହେଉଛି ଏପରି କି,ଏକଦା ମୁଁ ମୋ ପତ୍ନୀଙ୍କୁ ବଡ଼ପାଟିରେ କିଛି କହିଦେଇଥିଲି ଏବଂ ମୁଁ ଏହା ଅନୁଭବ କଲି ଯେ ସେହି ବଡ଼ପାଟିରେ କୁହାଯାଇଥିବା କଥା ଯୋଗୁଁ ମୋ ମନରେ ଯନ୍ତ୍ରଣା ଅନୁଭବ ହେଉଛି । ଯେବେ କି କେବଳ ଏତିକି କଥା ବ୍ୟତୀତ ଆଉ କୌଣସି ହୃଦୟ ବିଦାରକ ବା ମନକୁ ବାଧୁଥିବା କଥା ମୁଁହରୁ ବାହାରି ନଥିଲା । ତାପରେ ମୁଁ ବହୁତ ସମୟ ପର୍ଯ୍ୟନ୍ତ ଇସ୍ତେଗଫାର୍ (ଅର୍ଥାତ ଅଲ୍ଲାଃଙ୍କ ନିକଟରେ କ୍ଷମା ପ୍ରାର୍ଥନା) କରିଲି, ବିନମ୍ରତାର ସହିତ ନଫିଲ୍ ପାଠ କଲି ଏବଂ କିଛି ସଦ୍‌କାଃ (ଦାନ ପୂଣ୍ୟ) ବି ଦେଲି ଯେ ପତ୍ନୀଙ୍କ ଉପରେ ଏପରି କଠୋର ବ୍ୟବହାର କରିବା ହେଉଛି (କାଳେ) କୌଣସି ଲୁକ୍କାୟିତ ଦୈବି ପାପର ଫଳ ।''

**(ମଲଫୁଜାତ୍,ଖ-୦୧,ପୃ-୪୧, ମୁଦ୍ରିତ କାଦିଆନ୍ ୨୦୧୮)**

ଜଣେ ମୁତ୍ତକି (ଧର୍ମପରାୟଣ) ବ୍ୟକ୍ତି ହେଉଛି ସେ,ଯିଏ ଅଲ୍ଲାଃତାଲାଙ୍କ ସହିତ ନିଜର ସମ୍ପର୍କକୁ ମଜଭୁତ କରିଥାଏ ଏବଂ ସେହି ସମ୍ପର୍କକୁ ଏତେ ମାତ୍ରାରେ ବଢ଼ାଇ ଦିଏ ଯେ ସ୍ୱୟଂ ଅଲ୍ଲାଃତାଲା ତାହାର ଢାଲ ହୋଇ ତାର ସୁରକ୍ଷା କରିଥାନ୍ତି । ମୁହସିନ୍ ହେଉଛି ସେ, ଯିଏ ନିଜେ ସୁରକ୍ଷିତ ରହିବା ସହିତ ଏ ସଂସାରବାସୀଙ୍କୁ ବି ଅଲ୍ଲାଃଙ୍କ ସୁରକ୍ଷା ଅଧିନରେ ଆଣିବା ପାଇଁ ଚେଷ୍ଟା କରିଥାଏ ।

ସୟଦନା ହଜରତ୍ ମୁସଲେହ୍ ମଉଦ୍ ର ଅ ସୁରଃ ବନି ଇସରାଇଲ୍ ର ଆୟତ ନଂ-୧୪ **ୱ୍ୱ କୁଲ୍ଲା ଇନସାନି ଅଲଜମ୍‌ନାହୁ ତାଇରହୁ ଫି ଉନୁକିହି । ୱ୍ୱ ନୁଖରିଜୁ ଲହୁ ୟୋମଲ୍ କିୟାମତି କିତାବେଁୟ ୟଲକାହୁ ମନଶୁରା** (ଅନୁବାଦ : ଏବଂ ଆମେ ପ୍ରତ୍ୟେକ ମନୁଷ୍ୟର ଗଳାରେ ତାହାର ଭାଗ୍ୟକୁ ବାନ୍ଧି ଦେଇଅଛୁ ; ଏବଂ ଆମ୍ଭେ କୟାମତ୍ ଦିନ ତାହାର (କର୍ମର) ଏକ ପୁସ୍ତକ ପ୍ରସ୍ତୁତ କରି ତା'ସମ୍ମୁଖରେ ରଖିଦେବୁ ଯାହାକୁ ସେ (ସମ୍ପୂର୍ଣ୍ଣ) ଉନ୍ମୁକ୍ତ ଥିବାର ଦେଖିବାକୁ ପାଇବ ।) ର ବ୍ୟାଖ୍ୟା କରି କହିଛନ୍ତି :

ଏହି ଆୟତରେ ଅଲ୍ଲାଃତାଲା କହିଛନ୍ତି ଯେ ଆମେ ଜଣେ ଲୋକର କର୍ମକୁ ତା ବେକରେ ବାନ୍ଧି ଦେଇଛୁ ବା ତା ବେକରେ ଲଟକାଇ ଦେଇଛୁ ଏବଂ କୟାମତ୍ ଦିନ ଆମେ ତାକୁ ଏକ ପୁସ୍ତକ ଆକାରରେ ତା ସମ୍ମୁଖରେ ରଖିଦେବୁ,ଯାହକୁ ସେ ଖୋଲା ରହିଥିବାର ପାଇବ ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ.........*

## ନବୀ ସ:ଆ:ସଙ୍କ ବାଣୀ

### ଚାଷ ଜମି କିମ୍ବା ଗଛରୁ ପକ୍ଷୀମାନଙ୍କ ଖାଇବାରେ ପୁଣ୍ୟ

(୨୩୨୦) ହଜରତ୍ ଅନସ୍ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ କହିଲେ : ଯେବେ କୌଣସି ମୁସଲମାନ୍ କିଛି ଗଛ ଲଗାଏ କିମ୍ବା କ୍ଷେତରେ ଚାଷ କରେ, ତାପରେ ସେଥିରୁ ଯଦି କୌଣସି ପକ୍ଷୀ ବା ମନୁଷ୍ୟ ବା ପଶୁ କିଛି ଖାଏ,ତାହେଲେ ସେହି (କ୍ଷେତ ଓ ଗଛ) ତା'ପାଇଁ ପୁଣ୍ୟ ଅର୍ଜନ କରିବାର କାରଣ ହୋଇଯିବେ ।

### ସୁରକ୍ଷା ବା ଜଗୁଆଳୀ ପାଇଁ କୁକୁର ପାଳିବାକୁ ଅନୁମତି

(୨୩୨୨) ହଜରତ୍ ଅବୁ ହୁରୈରାଃ ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ କହିଲେ : ଯଦି ଜଣେ କୁକୁର ପାଳେ,ତାହେଲେ ତା'କର୍ମରୁ ପ୍ରତି ଦିନ ଗୋଟିଏ କିରାତ୍ (ଅର୍ଥାତ୍ ଏକ କିରାତ ଓଜନର କର୍ମ) କମ୍ ହୋଇଯିବ । କିନ୍ତୁ ଏପରି କୁକୁର ଯାହାକୁ ସେ କ୍ଷେତର ସୁରକ୍ଷା ନିମନ୍ତେ ବା ପଶୁମାନଙ୍କୁ ଜଗିବା ଉଦ୍ଦେଶ୍ୟରେ ରଖେ (ସେଥିରେ କୌଣସି ଅସୁବିଧା ନାହିଁ) ।

(୨୩୨୨) ରସୁଲେ କରିମ୍ ସ ଆ ସ କହିଲେ : ଯଦି କେହି ଏପରି କୁକୁରକୁ ପାଳୁଛି, ଯିଏ ନା ତ ତାକୁ କ୍ଷେତ ସୁରକ୍ଷା କରିବାରେ କିଛି ଲାଭ ଦେଉଛି ଏବଂ ନା ସେ ତା ଛେଳିଗୁଡ଼ିକର ଜଗୁଆଳୀ କରୁଛି,ତାହେଲେ ପ୍ରତି ଦିନ ତା ପୁଣ୍ୟକର୍ମରୁ ଗୋଟିଏ କିରାତ୍ କମ୍ ହୋଇଯିବ ।

***(ସହି ବୁଖାରୀ, ଖଣ୍ଡ-୦୩,କିତାବୁଲ୍ ହରସ୍ ୱ୍ୱ ମଜାରିଆଃ, ମୁଦ୍ରିତ କାଦିଆନ୍ ୨୦୦୮)***

⌘⌘⌘⌘⌘⌘⌘⌘⌘⌘

## ୧୨୭ ତମ ଜଲସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସ ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲସାରୁ ଉପକୃତ ହେବା ପାଇଁସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନା ସଫଳ ଓ ବାବରକତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜୟାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ୱ୍ୱ ଇରଶାଦ୍ ମର୍କଜିୟା କାଦିଆନ୍)***

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ......*

ଅର୍ଥାତ୍ ତାହା (ସେହି ପୁସ୍ତକ) ଅନୁଯାୟୀ ତା'ସହିତ ବ୍ୟବହାର କରାଯିବ । କାରଣ ଖାତା ରେଜିଷ୍ଟରକୁ ହିସାବ କିତାବ ଲେଖିବା ପାଇଁ କିମ୍ବା ହିସାବ କିତାବର ସମାଧାନ ପାଇଁ ଖୋଲାଯାଇଥାଏ ।

ଏହି ଆୟତରେ ଏକଥା କୁହାଯାଇଅଛି ଯେ ପ୍ରତ୍ୟେକ ମଣିଷକୁ ଏକଥା ବୁଝିନେବା ଉଚିତ ଯେ ତା'ର କୌଣସି କାର୍ଯ୍ୟ ନଷ୍ଟ ହୁଏନାହିଁ । କାରଣ ଆମେ ତା କାର୍ଯ୍ୟକୁ ତା ବେକରେ ଝୁଲାଇ ଦେଇଛୁ । ବେକରେ ଝୁଲାଇ ଦେବା ଶବ୍ଦଟି ଏହା ବତାଇ ଦେବା ପାଇଁ ବ୍ୟବହାର ହୋଇଛି ଯେ ତା ସହିତ ତା'ର ସମ୍ପର୍କ ହେଉଛି ସବୁଦିନ ପାଇଁ । ଯେପର୍ଯ୍ୟନ୍ତ ସେ ରହିବ ତା' ସହିତ ତା କର୍ମର ପ୍ରଭାବ ବି ରହିବ । କର୍ମ ପାଇଁ ଆରବୀରେ ଯେଉଁ ତାଏର୍(ଅର୍ଥାତ ପକ୍ଷୀ) ଶବ୍ଦଟି ବ୍ୟବହୃତ ହୋଇଛି,ସେଥିରେ ଏହା ସୂଚାଇ ଦିଆଯାଇଛି ଯେ ଯେମିତି ଗୋଟିଏ ପକ୍ଷୀ ଉଡ଼ିଯାଏ ଏବଂ ଦେଖାଦିଏ ନାହିଁ । ଠିକ୍ ସେହିପରି ଜଣେ ଲୋକ ତା କର୍ମକୁ ଭୁଲିଯାଏ ବରଂ ଅନ୍ୟଲୋକମାନେ ବି ଭୁଲି ଯାଇଥାନ୍ତି । କିନ୍ତୁ ଏହି ପକ୍ଷୀଟି ହେଉଛି ଏପରି ଯାହା ଗୋଟିଏ ଦଉଡି ସାହାଯ୍ୟରେ ମଣିଷ ବେକରେ ବନ୍ଧା ହୋଇଛି । ତେଣୁ ଯଦି ସେ ଉଡିଯାଏ ବା ଦେଖା ବି ନଦିଏ, କିନ୍ତୁ ମଣିଷର ସମ୍ପର୍କ ତା ସହିତ ତୁଟେ ନାହିଁ । ଦିନେ ନା ଦିନେ ତାର ଫଳ ପ୍ରକାଶ ହିଁ ହୋଇଥାଏ ।

ଦ୍ୱିତୀୟତଃ ଏକଥା ବତାଯାଇଛି ଯେ ଯେମିତି ପକ୍ଷୀ ଗୋଡ଼ରେ ଗୋଟିଏ ରସି ବାନ୍ଧି ତାକୁ ଛାଡ଼ି ଦିଆଯାଇଥାଏ ଏବଂ ସେ ସେହି ରସିର ଶେଷ ସୀମା ପର୍ଯ୍ୟନ୍ତ ଉଡ଼ି ଚାଲିଯାଇଥାଏ । ଠିକ୍ ସେହିପରି ମଣିଷ କର୍ମର ଅବସ୍ଥା ମଧ୍ୟ ଏମିତି ହୋଇଥାଏ ଯେ ତାହା ବେଳେ ବେଳେ ମାମୁଲି ଦେଖାଯାଇଥାଏ କିନ୍ତୁ ତାହାର ପ୍ରଭାବ ବହୁତ ସୁଦୂରପ୍ରସାରୀ ହୋଇଥାଏ ।

ଏହି ଆୟତରେ ମଣିଷକୁ କୁହାଯାଇଅଛି ଯେ ମଣିଷକୁ ନିଜ କର୍ମ ସମ୍ବନ୍ଧରେ ବହୁତ ଯତ୍ନବାନ ତଥା ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । କାରଣ ଯେବେ କରାଯାଇ ଥିବା କର୍ମ ତା ନିୟନ୍ତ୍ରଣରେ ନଥାଏ ଏବଂ ତାହାର ପ୍ରଭାବ ମଧ୍ୟ ବହୁତ ବ୍ୟାପକ,ଆଖିକୁ ଦେଖାଯାଏ ନାହିଁ (ଅର୍ଥାତ ଅଦୃଶ୍ୟ),ପୁଣି ତାହା ତା'ସହିତ ସଲଗ୍ନ ବି ରହିଛି । ତେବେ ଏହି ସବୁ କଥାରୁ ସ୍ପଷ୍ଟ ହେଲା ଯେ ତାକୁ ଲିଭାଇବା ବଡ଼ କଷ୍ଟକର ବ୍ୟାପାର । ତେଣୁ ବହୁତ ସତର୍କତାର ଆବଶ୍ୟକତା ରହିଛି । ଅତେବ୍ ଶୀଘ୍ର ହେଉ ବା ବିଳମ୍ବରେ ହେଉ,ତା କର୍ମର ଫଳ କିନ୍ତୁ ନିଶ୍ଚିତ ରୂପେ ବାହାରିବ । କାରଣ ଯଦିଓ ବେଳେବେଳେ ଦେଖାଯାଏ ଯେ ସେ ପକ୍ଷୀ ସଦୃଶ ଉଡ଼ିଚାଲିଯାଇଛି କିନ୍ତୁ ଯେହେତୁ ତାର ସେହି ପକ୍ଷୀଟି ତା'ବେକରେ ବନ୍ଧା ହୋଇଛି,ତେଣୁ ଶେଷରେ ଦିନେ ସେ ଫେରି ଆସିବ ଓ ମଣିଷକୁ ନିଜ କର୍ମର ଫଳ ଚଖାଇବ । ପବିତ୍ର କୁରଆନର ଆଉ ଏକ ସ୍ଥାନରେ ଉଲ୍ଲେଖ ରହିଛି ଯେ **ଫମଇଁ ୟାମଲ୍ ମିସକାଲା ଜର୍ରତିନ୍ ଖୈରଇଁ ୟରାଃ । ୱ ମଇଁ ୟାମଲ୍ ମିସକାଲା ଜର୍ରତିନ୍ ଶରରୈଇଁ ୟରାଃ (ସୁରଃ ଜିଲ୍‌ଜାଲ୍)** ଅର୍ଥାତ୍ ଯଦି କୌଣସି ବ୍ୟକ୍ତି ଗୋଟିଏ ଲାଲ୍ ପିମ୍ପୁଡ଼ି ଓଜନର ବି ପୁଣ୍ୟକର୍ମ କିମ୍ବା କୁକର୍ମ କରେ ବା ପବନରେ ଉଡ଼ି ବୁଲୁଥିବା ଧୂଳିକଣା ସମ ପୁଣ୍ୟକର୍ମ କିମ୍ବା କୁକର୍ମ କରେ ତାହେଲେ ମଧ୍ୟ ସେ ତାର ସେହି କର୍ମର ପରିଣାମକୁ ନିଶ୍ଚିତ ଦେଖିନେବ । ଏହି ଆୟତର ଅର୍ଥ ଏହା ନୁହେଁ ଯେ ତୌବାଃ (ଅନୁତାପ) ଗ୍ରହଣ କରାଯିବ ନାହିଁ । ତୌବାଃ ନିଶ୍ଚିତ ରୂପେ ଗ୍ରହଣ କରାଯିବ । କିନ୍ତୁ ପାପ କରିଥିବା ଲୋକ ନିଶ୍ଚିତ ରୂପେ ପଛରେ ରହିଯିବ । ଉଦାହରଣ ସ୍ୱରୂପ,ଧରାଯାଉ ଦୁଇଜଣ ଲୋକ ଅଛନ୍ତି, ଉଭୟ ପୁଣ୍ୟକର୍ମରେ ସମାନ ବି ଅଛନ୍ତି । ତାଙ୍କ ମଧ୍ୟରୁ ଜଣେ ଗୋଟିଏ ପାପ କଲା ଏବଂ ତାପରେ ତୌବାଃ କଲା । ତାର ପାପକୁ ତ ଅଲ୍ଲାଃତାଲା ନିଶ୍ଚିତ ରୂପେ କ୍ଷମା କରିଦେବେ କିନ୍ତୁ ସେ ପାପ କରିଥିବା ବେଳେ ଅନ୍ୟ ଜଣକ ପୁଣ୍ୟକର୍ମ କରିଥିଲା,ତାହେଲେ ସେହି ତୌବାଃ କରିଥିବା ଲୋକଟି ସେହି ପ୍ରଥମ ସ୍ତରରେ ହିଁ ରହିଗଲା,ଯେବେ କି ଦ୍ୱିତୀୟ ଲୋକଟି ତା'ଠାରୁ ଆଗକୁ ବଢିଗଲା । ତେଣୁ ସେହି ଭୂଲ କରିଥିବା ଲୋକକୁ ଅଲ୍ଲାଃତାଲା କ୍ଷମା ତ ଦେଇଦେବେ କିନ୍ତୁ ଏହା ହେବ ନାହିଁ ଯେ ତାକୁ ସେହି ଦ୍ୱିତୀୟ ଲୋକ ସହିତ ମିଶାଇ ଦେବେ,ଯିଏ ମନ୍ଦକର୍ମ କରିନଥିଲା । ଯାହା ବି ହେଲେ ସେ ତାଠାରୁ ଏକ ପାଦ ଆଗରେ ହିଁ ରହିବ । ଅତେବ୍ ପ୍ରତ୍ୟେକ କର୍ମର ଏକ ପ୍ରଭାବ ରହିଛି ଯାହା ବାକି ରହିଥାଏ । ଏବେ ତ ଅଲ୍ଲାଃତଲା ଏହି ବିଷୟକୁ ବୁଝାଇବା ପାଇଁ ମଣିଷକୁ ବେତାର ଟେଲିଗ୍ରାଫି ବା ଟେଲିଫୋନର ଜ୍ଞାନ ମଧ୍ୟ ଦେଇଛି,ଯାହା ପ୍ରମାଣ କରେ ଯେ ସୂକ୍ଷ୍ମରୁ ଅତି ସୂକ୍ଷ୍ମ ଗତିବିଧି ବି ବାତାବରଣରେ ଦୂରରୁ କମ୍ପନ ସୃଷ୍ଟି କରି ଚାଲିଥାଏ । ତେଣୁ ମଣିଷ ନିଜ କର୍ମରେ ବହୁତ ଯତ୍ନବାନ ହେବା ଉଚିତ । କାରଣ ପତ୍ୟେକ କାର୍ଯ୍ୟ ହେଉଛି ଗୋଟିଏ ଗୋଟିଏ ମଞ୍ଜି ସଦୃଶ । ତାହା ଗୋଟିଏ ଗୋଟିଏ ନୂଆ ଉଦ୍ଭିଦ (ବୃକ୍ଷ) ସୃଷ୍ଟି କରିଥାନ୍ତି, ଯାହା ତା ଅଜାଣତରେ ବଢ଼ିଚାଲିଥାନ୍ତି ।

***(ତଫସୀର୍‌କବୀର୍,ଖ-୦୪,ପୃ-୩୧୨ ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା-୦୯ ର ଅବଶିଷ୍ଟାଂଶ ......*

କେତେକଙ୍କ ନମାନ ଜନାଯାଃ ମଧ୍ୟ ପଢାଇବି । ମୃତକମାନଙ୍କର ଚର୍ଚ୍ଚା କରିବି । ପ୍ରଥମ ଜଣକ ହେଉଛନ୍ତି ଶ୍ରୀମତୀ ନୁସରତ୍ ସୁଲତାନା ସାହିବା । ସେ କୁଦରତୁଲ୍ଲାଃ ଅଦନାନ୍ ସାହେବ କାନାଡ଼ା ନିବାସୀଙ୍କ ପତ୍ନୀ ଥିଲେ । ବିଗତ ଦିନ ପଚାଶ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍** । ମରହୁମାଃ ଜଣେ ପ୍ରାର୍ଥନାକାରୀ,ତହଜ୍ଜୁଦ୍ ନମାଜ ପାଠକାରୀ,ଜଣେ ପୂଣ୍ୟବତୀ ଏବଂ ନିଷ୍ପାପର ମହିଳା ତଥା ପରିସଦୃଶ ମହିଳା ଥିଲେ । ସେ ଯେତେବେଳେ ଡ଼ାକ୍ତରଖାନାରେ ଥିଲେ,ଏମିତି କୋଉ ଡ଼ାକ୍ତରଙ୍କୁ ଛାଡ଼ିନଥିଲେ ଯାହାକୁ ସେ ତବଲିଗ୍ କରିନଥିବେ । ଜଣେ ଆରବୀୟ ମୁସଲଲମାନ୍ ଡ଼ାକ୍ତର ମଧ୍ୟ ନୁସରତ୍ ସାହାବାଙ୍କଠାରୁ ପବିତ୍ର କୁରଆନ୍ ଶୁଣିବା ପାଇଁ ଆସନ୍ତି ଏବଂ ସେ ତାଙ୍କୁ ସୁରଃ ୟାସିନ୍ ପଢ଼ି ଶୁଣାନ୍ତି । ପ୍ରତ୍ୟେକ କଥାରେ ଖିଲାଫତ୍ ବିଷୟରେ କଥା ହେଉଥିଲେ । ଖିଲାଫତ୍ ସହିତ ତାଙ୍କର ବହୁତ ବିଶ୍ୱସ୍ତତାର ସମ୍ପର୍କ ଥିଲା । ତାଙ୍କର ଅନେକ ସମ୍ପର୍କୀୟ ହେଉଛନ୍ତି ଅଣ ଅହେମଦୀ ସୁନ୍ନି ମୁସଲମାନ୍ । ସେ ସମସ୍ତଙ୍କୁ ବାର୍ତ୍ତା ପ୍ରେରଣ କଲେ । ତବଲିଗ୍ କଲେ ଯେ ଆପଣମାନେ ମଧ୍ୟ ଇମାମେ ୱକ୍ତ (ଅର୍ଥାତ୍ ଏ ଯୁଗର ଇମାମ୍)ଙ୍କୁ ମାନି ବୟତ କରନ୍ତୁ । ତାଙ୍କ ପରିବାରରେ ତାଙ୍କ ସ୍ୱାମୀଙ୍କ ବ୍ୟତୀତ ତିନି ଜଣ ସନ୍ତାନ ଅଛନ୍ତି । ତାଙ୍କର ଜଣେ ପୁଅ ରଜିଅଲ୍ଲାଃ ନୁମାନ୍ ଜାମିଆ ଅହେମଦୀୟା କାନାଡ଼ାରେ ଶିକ୍ଷା ଗ୍ରହଣ କରୁଛନ୍ତି, ତାଙ୍କର ଆଉ ଜଣେ ଭାଇ ଓ ଜଣେ ଭଉଣି ଅଛନ୍ତି । ତାଙ୍କ ସ୍ୱାମୀ କୁହନ୍ତି : ମୋ ପତ୍ନୀ ଜଣେ ୱକଫେ ଜିନ୍ଦେଗୀଙ୍କ ପରି ଜୀବନ ବିତାଇଛନ୍ତି । ପିଲାମାନଙ୍କ ତାଲିମ୍ ତରବିୟତରେ ସବୁ ସମୟ ଅତିବାହିତ କରିବା ପାଇଁ ଚେଷ୍ଟା କରିଛନ୍ତି । ଖିଲାଫତ୍ ସହିତ ତାଙ୍କର ବହୁତ ଭଲ ପାଇବା ଏବଂ ଭକ୍ତିଭାବ ଥିଲା । ତବଲିଗ୍ କାର୍ଯ୍ୟ ପାଇଁ ତାଙ୍କର ଭିଷଣ ଆଗ୍ରହ ରହିଥିଲା । ଯେମିତିକି ମୁଁ କହିସାରିଛି । ନିଜ ପିଲାମାନଙ୍କ ମଧ୍ୟରେ ମଧ୍ୟ ଏହି ଆଗ୍ରହ ଏବଂ ଉତ୍ସାହକୁ ଜନ୍ମାଇଛନ୍ତି,ଏବଂ ମୁଁ ଦେଖିଛି ଯେ ତାଙ୍କର ସମସ୍ତ ପିଲା ତବଲିଗ୍ କରିବା ପ୍ରତି ବହୁତ ଆଗ୍ରହୀ ଏବଂ ଅସାଧାରଣ ଆଗ୍ରହ ରଖିଛନ୍ତି । କୌଣସି ମାମୁଲି ଆଗ୍ରହ ନୁହେଁ । ଅଲ୍ଲାଃତାଲାଙ୍କ କୃପାରୁ ତାଙ୍କ ପିଲାମାନଙ୍କୁ ଏକ ବିଶେଷ ପ୍ରଶିକ୍ଷଣ ମିଳିଛି ଏବଂ ତାଙ୍କୁ ପଢିବାର ଏକ ସଉକ ରହିଛି । ଅଲ୍ଲାଃତାଲା ଏକ ଭଲ ଗୁଣ ପ୍ରଦାନ କରିଛନ୍ତି । ତାଙ୍କ ଜରିଆରେ ବହୁତ ବୟତ ବି ହେଉଛି । ତାଙ୍କର ଜଣେ ପୁତ୍ର ରଜିଅଲ୍ଲାଃ ନୁମାନ୍ ଜାମିଆରେ ଅଛନ୍ତି,ଯେମିତି କି ମୁଁ ତାଙ୍କ ବିଷୟରେ କହିସାରିଛି । ସେ ବହୁତ ଭଲ କାମ କରୁଛନ୍ତି । ଅଲ୍ଲାଃତାଲା ଆସନ୍ତାକୁ ବି ତାଙ୍କୁ ଏବଂ ତାଙ୍କର ବାକୁ ପିଲାମାନଙ୍କୁ ମଧ୍ୟ ନିସ୍ୱାର୍ଥପର ହୋଇ ଧର୍ମସେବା କରିବାକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ସେହି ପିଲାମାନଙ୍କୁ ନିଜ ମାଆଙ୍କ ପ୍ରାର୍ଥନାର ଉତରାଧିକାରୀ କରନ୍ତୁ । ତାଙ୍କ ସୁପୁତ୍ର ଜରିଉଲ୍ଲାଃ ଅଦନାନ୍ କୁହନ୍ତି : ଆମ ମାଆ ବହୁତ ପୁଣ୍ୟବତୀ ,ଗୁଣବତୀ ,ଧର୍ମପରାୟଣ ଏବଂ ଆଦର୍ଶ ମହିଳା ଥିଲେ । ଅଲ୍ଲାଃତାଲାଙ୍କ ସହିତ ତାଙ୍କର ବିଶେଷ ସମ୍ପର୍କ ଥିଲା । ପିଲାମାନଙ୍କ ତାଲିମ୍ ତରବିୟତର ବହୁତ ଚିନ୍ତା ଥିଲା ଏବଂ ତାଙ୍କର ନଜର ସର୍ବଦା ଅଲ୍ଲାଃତାଲାଙ୍କ ଉପରେ ରହୁଥିଲା । ଅନାଥମାନଙ୍କର ବିଶେଷ ଧ୍ୟାନ ରଖୁଥିଲେ । ପିଲାଦିନୁଁ ଅଲ୍ଲାଃତାଲାଙ୍କ ଉପରେ ଦୃଢ ବିଶ୍ୱାସ ଥିଲା । ତାଙ୍କୁ କ୍ୟାନସର୍ (କର୍କଟ)ରୋଗ ହୋଇଥିଲା । ଯେବେ ତାଙ୍କର ରୋଗ ଯେବେ ଜଣାପଡ଼ିଲା,ସେ ସେତେବେଳେ ବି ଅଲ୍ଲାଃତାଲାଙ୍କ ବିଧାନରେ ସନ୍ତୁଷ୍ଟ ଥିଲେ । ବରଂ ସେ ଆମକୁ କହୁଥିଲେ ଯେ ତୁମମାନଙ୍କୁ ଦୃଢ ହେବାକୁ ପଡ଼ିବ ଏବଂ ଅଲ୍ଲାଃତାଲାଙ୍କ ଉପରେ ତୁମମାନଙ୍କ ବିଶ୍ୱାସ ମଜବୁତ୍ ହେବା ଉଚିତ୍ । ନିଜ ଡ଼ାକ୍ତରଙ୍କୁ ବି କହୁଥିଲେ ଯେ ଜୀବନ ଏବଂ ମୃତ୍ୟୁ କୌଣସି ବଡ଼ କଥା ନୁହେଁ । ବରଂ ଅସଲ କଥା ହେଉଛି ଏହା କି ମଣିଷ ନିଜ ଜୀବନକୁ ଏପରି ବିତାଉ ଯେ ସମସ୍ତେ ତା ଉପରେ ଖୁସି ହେଉଥିବେ ଏବଂ ସେ ନିଜେ ବି ନିଜ କର୍ମରେ ସନ୍ତୁଷ୍ଟ ହେଉଥିବ । ଅଲ୍ଲାଃତାଲା ତାଙ୍କର ସ୍ତରକୁ ଉଚ୍ଚରୁ ଉଚ୍ଚତର କରନ୍ତୁ ।

ଦ୍ୱିତୀୟ ଜନାଯାଃ,ଯାହାଙ୍କ ବିଷୟରେ ମୁଁ ବର୍ଣ୍ଣନା କରିବି,ସେ ହେଉଛନ୍ତି ଶ୍ରୀମାନ୍ ଚୌଧୁରୀ ଲତିଫ୍ ଅହେମଦ୍ ଝିମଟ୍ ସାହେବ୍ । ବିଗତ ଦିନ ୭୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ସେ ମୁସି ଥିଲେ । ତାଙ୍କ ପରିବାରରରେ ତାଙ୍କର ଜେଜେ ବାପା ହଜରତ୍ ଚୌଧୁରୀ ମୁହମ୍ମଦ୍ ଦୀନ୍ ସାହେବ୍ ୱସିଲ୍ ବାକି ନୱିସର ଅଙ୍କ ଜରିଆରେ ଆସିଥିଲା । ଯାହାଙ୍କ ନାମ ପୁସ୍ତକ ଅଞ୍ଜାମେ ଆଥମ୍ ରୁହାନୀ ଖଜାଇନ୍ ଖ-୧୧ ପୃ-୩୨୫ରେ ୩୧୩ ଜଣ ସାହାବୀଙ୍କ ସୂଚୀରେ ତୃତୀୟ ନମ୍ବରରେ ମିଆଁ ମୁହମ୍ମଦ୍ ଦୀନ୍ ପଟୱାରି ବିଲାନୀ ଜିଲ୍ଲା ଗୁଜରାତ୍ ଭାବରେ ଉଲ୍ଲେଖ ରହିଛି । ଚୌଧୁରୀ ଲତିଫ୍ ଝିମଟ୍ ସାହେବ୍ ୧୯୬୬ ମସିହାରେ ପଞ୍ଜାବ ୟୁନିଭରସିଟି ଲାହୋର୍‌ରୁ ଏମ୍ ଏସ୍ ସି ଗଣିତରେ ଡିଗ୍ରୀ ହାସଲ କରିଥିଲେ । ପୁଣି ଶିକ୍ଷା ବିଭାଗ ସହିତ ଯୋଡ଼ି ହୋଇଗଲେ । ୧୯୬୬ ମସିହାଠାରୁ ୧୯୬୮ ପର୍ଯ୍ୟନ୍ତ ତାଲିମୁଲ୍ ଇସଲାମ୍ କଲେଜ୍ ରବୱାରେ ଜଣେ ଅଧ୍ୟାପକ ଭାବରେ କାର୍ଯ୍ୟ କରିବାର ସୌଭାଗ୍ୟ ପାଇଥିଲେ । ସେହିପରି ୧୯୬୮ ମସିହାରୁ ୧୯୯୪ ମସିହା ପର୍ଯ୍ୟନ୍ତ ଅତି କମରେ ୨୬ ବର୍ଷକାଳ ସେ ସିରିୟାଲିଓନ ଦେଶରେ ଶିକ୍ଷାଦାନ

*ଅବଶିଷ୍ଟାଂଶ ପୃଷ୍ଠା-୧୨ ରେ ଦେଖନ୍ତୁ ......*

# : ଖୁତ୍‌ବା ଜୁମା :

**ଏହି ଜଲସାଃ ଜରିଆରେ ଅଲ୍ଲାଃତାଲା ସମସ୍ତ ସନ୍ଦେହ ଏବଂ ଭୟକୁ ଦୂର କରି ଶାନ୍ତିରେ ପରିବର୍ତନ କରିଦେଲେ**

ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦୀଙ୍କ ଇମାନ୍ ଏବଂ ଆସ୍ଥାରେ ଉନ୍ନତି ପ୍ରଦାନ କରନ୍ତୁ ଏବଂ ଏହି ଜଲସାର ପ୍ରଭାବ ସ୍ଥାୟୀ ହେଉ ସାମୟିକ ନହେଉ ।

ମୁଁ ସମସ୍ତ କାରକୁନ୍ ମାନଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି,ଯେଉଁମାନେ ଏହି ଜଲସାର ପ୍ରସ୍ତୁତିଠାରୁ ଆରମ୍ଭ କରି ୱାଇଣ୍ଡ ଅପ୍ ପର୍ଯ୍ୟନ୍ତ ନିସ୍ୱାର୍ଥପର ଭାବରେ କାମ କରିଛନ୍ତି ଏବଂ ଏପର୍ଯ୍ୟନ୍ତ ୱାଇଣ୍ଡ ଅପ୍ କାମ ଜାରି ରହିଛି । ସେହିପରି ଜଲସାଃ ସମୟରେ ବିଭିନ୍ନ ବିଭାଗରେ କାରକୁନ୍ ମାନେ ଏବଂ କାରକୁନାତ୍ (ଅର୍ଥାତ ମହିଳା କର୍ମୀ) ମାନେ ନିଜ ନିଜର ଦକ୍ଷତା ଅନୁଯାୟୀ ବହୁତ ଭଲ କାମ କରିଛନ୍ତି,ଯେଉଁଥିପାଇଁ ଜଲସାରେ ସାମିଲ୍ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞ ହେବା ଉଚିତ ।

ସେଏହା ଜଣାନଥିଲେ ଯେ ରସୁଲେ କରିମ୍ ସ ଆ ସଙ୍କ ହାତରେ ଲୋକମାନେ କିପରି ବୟତ କରୁଛନ୍ତି  କିନ୍ତୁ ଆଜି ଖଲିଫାଙ୍କ ହାତରେ ଲୋକମାନଙ୍କୁ ବୟତ କରୁଥିବାର ଦେଖି ଯେଉଁ ଗଭୀର ପ୍ରଭାବ ତାଙ୍କ ମନ ଉପରେ ପଡ଼ିଲା ଏବଂ ଯେଉଁ ଅବସ୍ଥା ମନରେ ସୃଷ୍ଟି ହେଉଥିଲା ତାହା ଅବର୍ଣ୍ଣନନୀୟ । ସେ ପୁଣି କହିଲେ: ଏବେ ମୁଁ ନିୟମିତ ଭାବରେ ଆପଣଙ୍କ ଖଲିଫାଙ୍କ ଖୁତବା ଶୁଣିବି ।

(ଆଇଭରୀ କୋଷ୍ଟର ଜଣେ ଅଣ ଅହେମଦୀ ବନ୍ଧୁ)

**ଜଲସା ସାଲାନା ୟୁ କେ ୨୦୨୨ ଅବସରରେ ସାରା ଦୁନିଆରୁ ଏହି ଜଲସାରେ ସାମିଲ୍ ହୋଇଥିବା ଅହେମଦୀ ଏବଂ ଅଣ ଅହେମଦୀ ଅତିଥିମାନଙ୍କ  ମନୋଭାବ ବ୍ୟକ୍ତ ଏବଂ ମନ୍ତବ୍ୟ ।**

ତିନିଜଣ ମରହୁମୀନ୍ ଶ୍ରୀମତୀ ନୁସରତ୍ ସୁଲତାନାଃ ସାହିବାଃ ପତ୍ନୀ ଶ୍ରୀମାନ କୁଦରତୁଲ୍ଲାଃ ଅଦନାନ୍ ସାହେବ୍ ଆଫ୍ କାନାଡ଼ା,ଚୌଧୁରୀ ଲତିଫ୍ ଅହେମଦ୍ ଝିମଟ୍ ସାହେବ୍ (ୱାକିଫେ ଜିନ୍ଦେଗୀ)ଏବଂ ଶ୍ରୀମାନ ମୁଶତାକ୍ ଅହେମଦ୍ ଆଲମ୍ ସାହେବ୍ ଙ୍କ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଜନାଯାଃ ଗାଏବ ପାଠ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ: ୧୨ ଅଗଷ୍ଟ ୨୦୨୨ ଅନୁଯାୟୀ ୧୨ ଜହୁର୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اشهد ان لا اله الا الله وحده لا شريك له واشهد ان محمدا عبده ورسوله
اما بعد فاعوذ بالله من الشيطن الرجيم ۔ بسم الله الرحمن الرحيم ۔
الحمد لله رب العلمين ۔ الرحمن الرحيم ۔ ملك يوم الدين ۔ اياك نعبد واياك نستعين ۔
اهدنا الصراط المستقيم ۔ صراط الذين انعمت عليهم غير المغضوب عليهم ولا الضالين

ଅଲହମ୍‌ଦୁଲିଲ୍ଲାଃ ,ଅଲ୍ଲାଃତାଲା ଆମକୁ ଗତ ସପ୍ତାହରେ ଜଲସାଃ ସାଲାନାଃ ବ୍ରିଟେନ୍ ୨୦୧୯  ଅନୁଷ୍ଠିତ କରିବା ପାଇଁ ସୌଭାଗ୍ୟ ପ୍ରଦାନ କଲେ ଏବଂ ଅଲ୍ଲାଃତାଲାଙ୍କର ଅସରନ୍ତି କୃପା ଏବଂ ଅନୁଗ୍ରହକୁ ଆମେମାନେ ଏହି ତିନି ଦିନରେ ଦେଖିଲେ । ଏବର୍ଷ ମଧ୍ୟ ପ୍ରଥମେ ଏ ଚିନ୍ତାଧାରା ଥିଲା ଯେ କୋଭିଡ୍ ମାହାମାରୀ,ଯାହା ଏବେ ବ୍ୟାପିଚାଲିଛି,ତା'ଯୋଗୁଁ ଗତ ବର୍ଷ ପରି ଛୋଟ ଧରଣର ଜଲସା ଆୟୋଜନ କରାଯିବ । କିନ୍ତୁ ପୁଣି ମାସ ଶେଷରେ ଏ ନିଷ୍ପତି ନିଆଗଲା ଯେ ବ୍ରିଟେନର  ପ୍ରତ୍ୟେକ ଅହେମଦୀଙ୍କୁ ଏହି ଜଲସାରେ ଯୋଗଦେବାକୁ ଅନୁମତି ଦିଆଯାଉ । ଏହି ନିଷ୍ପତି ଉପରେ ଆରମ୍ଭରେ ତ ଇନ୍ତେଜାମିୟା (ମ୍ୟାନେଜମେଂଟ୍) ଟିକିଏ ଚିନ୍ତିତ ଥିଲା,କିନ୍ତୁ ସେ ଯାହା ବି ହେଉ ପୁଣି ସେମାନେ ପ୍ରସ୍ତୁତି ଆରମ୍ଭ କରିଦେଲେ ଏବଂ ଯେପରି ମୁଁ କହିଲି ଯେ ଆମେ ଅଲ୍ଲାଃତାଲାଙ୍କ କୃପାକୁ ବର୍ଷା ହେଉଥିବାର ଦେଖିଲୁ ।

ଜଲସାକୁ ବହୁତ ଅପେକ୍ଷା କରାଯାଇଥାଏ । ବର୍ଷ ତମାମ୍ ତାହାର ପ୍ରତିକ୍ଷା କରାଯାଇଥାଏ । ତା'ପାଇଁ ବଡ଼ ଧରଣର ପ୍ରସ୍ତୁତି ଇନ୍ତେଜାମିୟା (ବ୍ୟବସ୍ଥାପିକା) କୁ କରିବାକୁ ପଡ଼ିଥାଏ କିନ୍ତୁ ପୁଣି ଯେତେବେଳେ ଜଲସାଃ ସାଲାନା ଆରମ୍ଭ ହୁଏ ସେତେବେଳେ ଜଣାପଡ଼େନାହିଁ ଯେ ଏହି ତିନି ଦିନ କିପରି ଆଖି ମିଟିକା ମାରିଲା ପରି ଶେଷ ହୋଇଗଲା । ଏବର୍ଷ ବି ଲୋକମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ କିଛି ସଙ୍କୋଚ ଥିଲା । ମତେ ବି କେତେକ ଲୋକେ ଲେଖିଛନ୍ତି ଏବଂ ଚିନ୍ତା ପ୍ରକଟ କରିଛନ୍ତି । ଲୋକମାନେ ନିଜେ ବହୁତ ଦୁଆ କରୁଥିଲେ ଏବଂ ମୁଁ ବି ଦୁଆ କରୁଥିଲି । ଜମାତ୍ର ସଦସ୍ୟମାନେ ଦୁଆ କରୁଥିଲେ । ସେ ଯାହା ବି ହେଉ ଅଲ୍ଲାଃତାଲା ସେହି ସବୁ ଚିନ୍ତା ଏବଂ ଭୟକୁ ଶାନ୍ତିରେ ପରିବର୍ତନ କରିଦେଲା ।

କୋଭିଡ୍ ମହାମାରୀ ଯେଉଁଭଳି ବ୍ୟାପିଚାଲିଛି, ତାହା ବି ଗୋଟିଏ କାରଣ ଥିଲା । ସେ ଯାହା ବି ହେଉ ଜଲସାରେ ସାମିଲ୍ ହୋଇଥିବା କିଛି ଲୋକଙ୍କ ଉପରେ ତାର ପ୍ରଭାବ କାଳେ ପଡ଼ିଥାଇପାରେ କିନ୍ତୁ ସାଧାରଣତଃ ଅଲ୍ଲାଃତାଲାଙ୍କର ବହୁତ କୃପା ଏବଂ ଅନୁଗ୍ରହ ଆମ ଉପରେ ରହିଛି ।

ମୁଁ ଏବେ ଜଲସାଃ ବିଷୟରେ କିଛି କହିବାକୁ ଚାହୁଁଛି । ଜଲସାର ପରବର୍ତୀ ଖୁତବାରେ ମୁଁ ସାଧାରଣତ କାରକୁନ୍ (କର୍ମୀ) ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥାଏ ଏବଂ ଜଲସାରେ ସାମିଲ ହୋଇଥିବା ଅତିଥିମାନଙ୍କ ମନ୍ତବ୍ୟ/ମନୋଭାବବ୍ୟକ୍ତ ବିଷୟରେ ମଧ୍ୟ ଚର୍ଚ୍ଚା କରିଥାଏ । ସେହିପରି ଅଲ୍ଲାଃତାଲାଙ୍କ କୃପା ବିଷୟରେ ମଧ୍ୟ ଚର୍ଚ୍ଚା କରାଯାଇଥାଏ । ସର୍ବପ୍ରଥମେ ମୁଁ ସମସ୍ତ କାରକୁନ୍ ମାନଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି,ଯେଉଁମାନେ ଏହି ଜଲସାର ପ୍ରସ୍ତୁତିଠାରୁ ଆରମ୍ଭ କରି ୱାଇଣ୍ଡ ଅପ୍ ପର୍ଯ୍ୟନ୍ତ ନିସ୍ୱାର୍ଥପର ଭାବରେ କାମ କରିଛନ୍ତି ଏବଂ ଏପର୍ଯ୍ୟନ୍ତ ୱାଇଣ୍ଡ ଅପ୍ କାମ ଜାରି ରହିଛି । ସେହିପରି ଜଲସାଃ ସମୟରେ ବିଭିନ୍ନ ବିଭାଗରେ କାରକୁନ୍ ମାନେ ଏବଂ କାରକୁନାତ୍ (ଅର୍ଥାତ ମହିଳା କର୍ମୀ) ମାନେ ନିଜ ନିଜର ଦକ୍ଷତା ଅନୁଯାୟୀ ବହୁତ ଭଲ କାମ କରିଛନ୍ତି,ଯେଉଁଥିପାଇଁ ଜଲସାରେ ସାମିଲ୍ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞ ହେବା ଉଚିତ ।

ଏହା ହେଉଛି ଇସଲାମିକ୍ ନୈତିକତା/ଚରିତ୍ର/କର୍ତବ୍ୟ ଯେ ଯଦି କାହାଠାରୁ ତୁମକୁ କୌଣସି ପ୍ରକାରେ ବି କିଛି ଉପକାର ମିଳିଥାଏ, ତୁମ ପାଇଁ କିଛି କାମ କରିଥାଏ,ତା'ହେଲେ ତାର କୃତଜ୍ଞତା ଜ୍ଞାପନ କରି ତାକୁ ଧନ୍ୟବାଦ ଅର୍ପଣ କର । ଲୋକଙ୍କୁ କୃତଜ୍ଞତା ଜ୍ଞାପନ କରିବା ଦ୍ୱାରା ତାହା ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଆଡ଼କୁ ନେଇଯାଇଥାଏ । ପିଲାମାନେ,ବଡ଼ମାନେ,ମହିଳମାନେ, ଯୁବକମାନେ ସମସ୍ତେ ନିଜ ନିଜର ସେବାକାର୍ଯ୍ୟର କର୍ତବ୍ୟକୁ ଖୁବ ଭଲ ଭାବରେ ତୁଲାଇବାକୁ ଚେଷ୍ଟା କରିଛନ୍ତି । କେତେକ ତ୍ରୁଟି ଏବଂ ଦୁର୍ବଳତା ବି ପରିଲକ୍ଷିତ ହୋଇଛି । କିନ୍ତୁ ଏତେ ବଡ଼ ବ୍ୟବସ୍ଥାର ପରିଚାଳନାରେ ସ୍ୱଭାବିକ ଏହିପରି ଦୁର୍ବଳତା ପରିଲକ୍ଷିତ ହୋଇଯାଇଥାଏ କିନ୍ତୁ ଇନ୍ତେଜାମିୟାର ଏ କର୍ତବ୍ୟ ଯେ ସେ ଏପରି ଦୃବଳତା ଏବଂ ତ୍ରୁଟିକୁ ଦୂର କରନ୍ତୁ । ଉଦାହରଣ ସ୍ୱରୂପ ଲଜନାଃମାନଙ୍କୁ ଖାଦ୍ୟ ପରିବେଷଣ କରୁଥିବା ବିଭାଗ ବିଷୟରେ କିଛି ଅଭିଯୋଗ ରହିଛି ଏବଂ ସେହିପରି ଅନ୍ୟ କିଛି ସମସ୍ୟା ବି ରହିଛି । ସେ ସମ୍ବନ୍ଧରେ ଲୋକମାନଙ୍କ ନିକଟରୁ ଯେଉଁ ଚିଠି ମିଳିଛି, ମୁଁ ସେ ସବୁକୁ ଇନ୍ତେଜାମିୟା (ଅର୍ଥାତ ପରିଚାଳନା କମିଟି) ନିକଟକୁ ପଠାଇ ଦେଉଛି । ତା ମୁତାବକ ସମୀକ୍ଷା କରି ସେଗୁଡ଼ିକୁ ନିଜ ଲାଲ୍ କିତାବ୍ (ଅର୍ଥାତ ଜଲସା ପରେ ଯେଉଁ ତ୍ରୁଟି ବା ଦୃବଳତା ପରିଲକ୍ଷିତ ହୋଇଥାଏ ତହା ସବୁ ଗୋଟିଏ ରେଡ୍ ବୁକ୍) ରେ ଦରଜ କରି

ଆସନ୍ତା ବର୍ଷ ଉନ୍ନତ ପରିଚାଳନା ପାଇଁ ପ୍ରତ୍ୟେକ ବିଭାଗରେ ଚେଷ୍ଟା କରାଯିବା ଉଚିତ ।

କିନ୍ତୁ ସାଧାରଣତଃ କାରକୁନାନ୍ (କର୍ମୀ) ମାନେ ବହୁତ କାମ କରିଛନ୍ତି । ବହୁତ ଭଲ କାମ କରିଛନ୍ତି । ପିଲାମାନେ ବି ନିଜ ନିଜର ଡ୍ୟୁଟିକୁ ସଠିକ ଭାବରେ ସମ୍ପାଦନ କରିଛନ୍ତି । ସେ ଯାହା ବି ହେଉ ମୁଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ।

ଏମ୍ ଟି ଏ ବହୁତ ଭଲ କଭରେଜ୍ ଦେଇଛି । ଏଥରକ ସେମାନେ ନିଜେ ଷ୍ଟୁଡିଓକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କରିଛନ୍ତି । ଏହା ଦ୍ଵାରା ଅନେକ ହଜାର୍ ପାଉଣ୍ଡ ସଂଚୟ କରାଯାଇପାରିଛି । ଏବର୍ଷ ଅନେକ ବିକଶିତ ଏବଂ ଅଣ ବିକଶିତ ରଷ୍ଟ୍ରଗୁଡ଼ିକୁ ସେମାନେ ଏହି ଜଲସାର କାର୍ଯ୍ୟକ୍ରମଗୁଡ଼ିକୁ ପ୍ରସାରଣ କରି ମିଶାଇଦେଲେ,ଯଦ୍ଦ୍ଵାରା ଏଠାରେ ବସିଥିବା ଲୋକମାନେ ଅନ୍ୟ ଦେଶରେ ରହୁଥିବା ନିଜର (ଆଧ୍ୟାତ୍ମିକ) ଭାଇମାନଙ୍କୁ ଦେଖିପାରିଲେ ।

ଗୋଟିଏ ଐକ୍ୟଭାବ ଥିଲା,ଯାହାର ନଜାରା (ଦୃଶକୁ) ଆମେମାନେ ଏମ ଟି ଏର କ୍ୟାମେରା ଆଖି ଜରିଆରେ ଦେଖି ପାରିଲେ । ଏହା ଅଲ୍ଲାଃତାଲାଙ୍କର ବିଶେଷ ଅନୁଗ୍ରହ ଥିଲା । ଏମ୍ ଟି ଏ ର କାରକୁନ୍ ମାନେ ଏଥି ଯୋଗୁଁ ପ୍ରଶଂସାର ପାତ୍ର ଯେ ସେମାନେ ଜମାଅତ୍ ଅହେମଦୀୟାର ଏକତାକୁ ଏମ୍ ଟି ଏ ଜରିଆରେ ସାରା ଦୁନିଆକୁ ଦେଖାଇ ବିରୋଧିମାନଙ୍କ ମୁହଁ ବନ୍ଦ କରିଦେଲେ ।

ସେ ଯାହା ହେଉ ମୁଁ ଏବେ ଅନ୍ୟ ସମ୍ପ୍ରଦାୟର କେତେକ ଲୋକମାନଙ୍କର ଏବଂ ଆମ କମ୍ୟୁନିଟିର କିଛି ଲୋକଙ୍କ ମନୋଭାବବ୍ୟକ୍ତ ସମ୍ବନ୍ଧରେ କିଛି ଏଠାରେ ଉପସ୍ଥାପନ କରୁଅଛି । ଅଲ୍ଲାଃତାଲାଙ୍କ କୃପା ବିଷୟରେ ବର୍ଣ୍ଣନା କରିବି । ଜଲସା ଜରିଆରେ କିପରି ଅଲ୍ଲାଃତାଲା ଏ ଦୁନିଆରେ ଇସଲାମର ବାର୍ତ୍ତାକୁ ପହଂଚାଉଛନ୍ତି,ସେ ବିଷୟରେ ବର୍ଣ୍ଣନା କରୁଅଛି ।

ନାଇଜେରିଆର ଜଣେ ଅଣ ଅହେମଦୀ ଲୋକ ହେଉଛନ୍ତି ଅବୁ ବକର୍ ସାଇନୀ ସାହେବ୍ । ସେ ଜଣେ ଗୈର୍ ଅହେମଦୀ ଆଲିମ୍ । ସେ ନିୟାମ ସହରର ଗୋଟିଏ ମସଜିଦର ଇମାମ ବି ଅଛନ୍ତି । ସେ କୁହନ୍ତି : ମତେ ସବୁଠାରୁ ଯେଉଁ କଥା ଅଧିକା ପ୍ରଭାବିତ କଲା,ତାହା ଥିଲା ଯୁଗ ଖଲିଫାଙ୍କ ପ୍ରତି ଲୋକମାନଙ୍କର ପ୍ରେମଭାବ ଏବଂ ସ୍ନେହଭାବ ,ଏବଂ କିପରି ଲୋକମାନେ ଯୁଗ ଖଲିଫାଙ୍କ ଗୋଟିଏ ଇସାରାଃ(ଇଙ୍ଗିତ)ରେ ପୂର୍ଣ୍ଣ ଆଜ୍ଞାବହତା ପ୍ରଦର୍ଶନ କରୁଥିଲେ । ତକରୀର୍ (ଜଲସାରେ ହଜୁରଙ୍କ ଭାଷଣ)ଚାଲିଥିବା ସମୟରେ ସମ୍ପୂର୍ଣ୍ଣ ନିରବତା ରହୁଥିଲା । ପୁଣି ସେ କୁହନ୍ତି : ଏମିତି ଲାଗୁଥିଲା ଯେ ଏହି ପ୍ରେମଭାବ ସ୍ଵୟଂ ଅଲ୍ଲାଃତାଲା ଲୋକମାନଙ୍କ ମନରେ ଉଦ୍ରେକ କରିଦେଇଛନ୍ତି । କାରଣ ସେଥିରେ ଲୋକଦେଖାଣିଆ ମନଭାବର ଲେଶମାତ୍ର ବି ନଥିଲା ।

ପୁଣି ବୁର୍କୀନାଫାସୋର ଜଣେ ଅଣ ଅହେମଦୀ ବନ୍ଧୁ ଇସହାକ୍ ସାହେବ୍ କୁହନ୍ତି :ଆପଣଙ୍କ ଜଲସାଃ ସାଲାନାଃ ଅତ୍ୟନ୍ତ ଚମତ୍କାର ଥିଲା । ତାର ଉଦାହରଣ ମିଳେନାହିଁ । ଏତେ ସଂଖ୍ୟକ ଲୋକେ ଗୋଟିଏ ସ୍ଥାନରେ ଏକାଠି ହେବା କୌଣସି ଚମତ୍କାରଠାରୁ କମ୍ ନୁହେଁ । ପୁଣି ତାହା ଜଣେ ଇମାମଙ୍କୁ ଅନୁସରଣ କରି ଏପରି କରିବା । ଏହି ଜଲସା ନିଜର ଉଦାହରଣ ନିଜେ । ପୁଣି ସେ କୁହନ୍ତି ଯେ କିଏ ଏହା ବିଶ୍ଵାସ କରୁ ବା ନକରୁ ଆଜି କିନ୍ତୁ ପ୍ରକୃତ ଇସଲାମ ହେଉଛି ଅହେମଦୀୟତ୍ ଏବଂ ସେହି ଦିନ ଆଉ ଦୂର ନୁହେଁ ଯେବେ ଲୋକମାନେ ଏହି ସତ୍ୟକୁ ଚିହ୍ନି ନେବେ ଏବଂ ଏଥିରେ ସାମିଲ ହୋଇ ପ୍ରବେଶ କରିବେ ।

ଏହା ହେଉଛି ଏପରି ଅଣ ଅହେମଦୀ ମୁସଲମାନମାନଙ୍କ ମନ୍ତବ୍ୟ ଯେଉଁମାନଙ୍କୁ ଅଲ୍ଲାଃତାଲା ଏ ଆଡ଼କୁ ଟାଣୁଛନ୍ତି ।

ପୁଣି ଫ୍ରେଂଚ୍ ଗୟାନାରେ ଜଣେ ସିରିଆନ୍ ଅଣ ଅହେମଦୀ ଅଛନ୍ତି, ସେ ପ୍ରଥମ ଥର ଏହି ଜଲସାଃକୁ ଦେଖିଲେ । ଆରବୀୟ ଲୋକମାନଙ୍କ ପାଇଁ ମସଜିଦରେ ଏମ୍ ଟି ଏ ଅଲ୍ ଆରବିୟା ଜରିଆରେ କାର୍ଯ୍ୟକର୍ମ ଦେଖିବା ନମନ୍ତେ ବ୍ୟବସ୍ଥା କରାଯାଇଥିଲା । ସେ କୁହନ୍ତି:ମୁଁ ପ୍ରଥମ ଥର ପାଇଁ ଜମାଅତର ବାର୍ତ୍ତା ଶୁଣିବାକୁ ପାଇଲି । ସେହିପରି ମୁଁ ପ୍ରଥମ ଥର ପାଇଁ ଆପଣଙ୍କ ଖଲିଫାଙ୍କ ବକ୍ତବ୍ୟ/ ଅଭିଭାଷଣ ଶୁଣିଲି । ମୁସଲମାନମାନଙ୍କ ମଧ୍ୟରେ ଏପରି ଗୋଟିଏ ସଂଗଠନ ଥିବାର ଦେଖି ମୁଁ ବହୁତ ପ୍ରଭାବିତ ହେଲି ଯେ ସେହି ସଂଗଠନ ଏପରି ଇସଲାମର ବାର୍ତ୍ତାକୁ ଏ ଦୁନିଆରେ ପହଂଚାଇ ଚାଲିଛି । ମୁଁ ଇନଶଅଲ୍ଲାଃ ତାଲା ଏବେ ନିଶ୍ଚିତ ଭାବେ ଆପଣଙ୍କ ଜମାଅତ ସମ୍ବନ୍ଧରେ ଅଧ୍ୟୟନ କରିବି ଏବଂ ଅଧିକା ଅନୁସନ୍ଧାନ କରିବି ।

ଫ୍ରେଂଚ୍ ଗୟାନାର ହିଁ ଜଣେ ଅଣ ଅହେମଦୀ ମୁସଲମାନ୍ ଅଛନ୍ତି । ସେ ଏହି ଜଲସାର ପ୍ରୋଗ୍ରାମ ଶୁଣିବା ପାଇଁ ଆସିଲେ । ସେ କୁହନ୍ତି : ମୁଁ ଜଲସା ସାଲାନାଃ ୟୁ କେ ର ପ୍ରୋଗ୍ରାମକୁ ପ୍ରଥମ ଥର ପାଇଁ ଶୁଣିଲି ଓ ମୁଁ ବହୁତ ପ୍ରଭାବିତ ହେଲି । ଆପଣଙ୍କ ଜମାଅତ୍ ହେଉଛି ସର୍ବଭୌମିକ (ଅର୍ଥାତ୍ ବିଶ୍ଵବ୍ୟାପି ଜମାଅତ୍) । ପୁଣି କୁହନ୍ତି : ମୋର ଅସଲ ସମ୍ବନ୍ଧ ଗିନି କନାକିରି ଦେଶ ସହିତ ରହିଛି । ମୁଁ ଏହି ଜଲସା ଚାଲିଥିବା ସମୟରେ ଦେଖୁଥିଲି ଯେ ଲାଇଭ୍ ଷ୍ଟ୍ରିମ୍ ଜରିଆରେ ଅନେକ ଦେଶ ଅଂଶଗ୍ରହଣ କରୁଥିଲେ । କିନ୍ତୁ ଗିନି କନାକରି ନଜର ଆସିଲା ନାହିଁ । ଏବେ ମୁଁ ଏକଥା ଭାବୁଥିଲି ଯେ ସେହି କ୍ଷଣି ସ୍କ୍ରୀନ୍ ଉପରେ ଗିନି କାନାକରି ଜମାଅତର ଭିଡ଼ିଓ ଦେଖିଲି । ମତେ ବହୁତ ଖୁସି ଲାଗିଲା ଯେ ସେଠାରେ ବି ଆପଣଙ୍କ ଜମାଅତ୍ ପ୍ରତିଷ୍ଠା ହୋଇସାରିଛି । ପୁଣି ସେ କଲିଲେ : ଆପଣଙ୍କ ଖଲିଫା ମହିଳାମାନଙ୍କ ଅଧିକାର ବିଷୟରେ ଯେଉଁ କଥା ବର୍ଣ୍ଣନା କଲେ,ତାହା ଶୁଣିବା ପରେ ,ମୁଁ ଜଣେ ମୁସଲମାନ୍ ହୋଇଥିବାରୁ ନିଜକୁ ଗର୍ବ ଅନୁଭବ କଲି ।

ଲାଇବେରିଆରୁ ଜଣେ ଅଣ ମୁସଲମାନ୍ ଅତିଥି ବୋବ୍ ଏମ୍ ଡ଼ୋଲୋ (Bob M Dolo)ସେହେବ୍ ଅଛନ୍ତି,ଯିଏ ବୁଜୁଲି ବିଭାଗରେ ଜଣେ ମ୍ୟାନେଜର୍ ଭାବରେ କାମ କରନ୍ତି । ସେ ଜଣେ ଶିକ୍ଷିତ ବ୍ୟକ୍ତି । ସେ କୁହନ୍ତି :ମୁଁ ଅହେମଦୀୟା ଖଲିଫାଙ୍କ ଅଭିଭାଷଣକୁ ଶୁଣି ବହୁତ ପ୍ରଭାବିତ ହୋଇଛି । ଏହା ପୂର୍ବରୁ ମୁଁ ଏକଥା ଭାବୁଥିଲି ଯେ ଇସଲାମରେ ମହିଳାମାନଙ୍କ କୌଣସି ଅଧିକାର ନାହିଁ । କିନ୍ତୁ ଆଜି ଏହି ଭାଷଣକୁ ଶୁଣି ମୁଁ ଜାଣି ପାରିଲି ଯେ ଇସଲାମରେ ମହିଳାମାନଙ୍କ ଅଧିକାରକୁ ବହୁତ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି,ଯାହା ଅନ୍ୟ କୌଣସି ଧର୍ମରେ ଆମକୁ ଦେଖିବାକୁ ମିଳେନାହିଁ । ଏହା ପୂର୍ବରୁ ମୁଁ ଏକଥା ଶୁଣିଥିଲି ଯେ ଅହେମଦୀୟା ଜମାଅତ୍ ହେଉଛି ଗୋଟିଏ ସୁସଂଗଠିତ ଜମାଅତ୍ । ପୁଣି ଆଜି ମୁଁ ମୋ ନିଜ ଆଖିରେ ବି ଦେଖୁଅଛି ଯେ କିପରି ଅହେମଦୀୟା ଜମାଅତ୍ ଜଣେ ଲିଡ଼ର୍ (ଆଧ୍ୟାତ୍ମିକ ନେତା)ଙ୍କ ହାତରେ ଏକତ୍ରି/ମିଳିତ ହୋଇ ବିଶ୍ଵ ଶାନ୍ତି ପାଇଁ ପ୍ରଚେଷ୍ଟା କରି ଚାଲିଛି ।

ଜାମ୍ବିଆ ଦେଶର ଜଣେ ଭଦ୍ର ବ୍ୟକ୍ତି ହେଉଛନ୍ତି କାଟେ ବୋଲେ (Katebule) ସାହେବ୍ । ସେ ପେଶାରେ ଜଣେ ପାଷ୍ଟର୍ (Pastor) । ସେ କୁହନ୍ତି ଯେ ଜଲସା ସାଲାନାର ଶେଷ ଦିନ ଆପଣଙ୍କ ଖଲିଫାଙ୍କ ଉଦଯାପନୀ ଭାଷଣ ଶୁଣିଲି । ଏହାଦ୍ଵାରା ମୁଁ ବହୁତ ପ୍ରଭାବିତ ହେଲି । ପୁଣି ସେ କହିଲେ : ଆପଣଙ୍କ ଖଲିଫାଙ୍କ ଭାଷଣ ବହୁତ ଅଭିନବ ଥିଲା ।(ଅର୍ଥାତ ଆଶ୍ଚର୍ଯ୍ୟଜନକ ଥିଲା) ।

ଇସଲାମ୍ ଯେତେ ସୁନ୍ଦର ଭାବରେ ମହିଳାମାନଙ୍କ ଅଧିକାରକୁ ବର୍ଣ୍ଣନା କରୁଛି,ମୋର ସେ ବିଷୟରେ କିଛି ବି ଧାରଣା ନଥିଲା । ମୁଁ ଏହା ଭାବୁଥିଲି ଯେ ଇସଲାମ୍ ମହିଳାମାନଙ୍କ ଅଧିକାରକୁ ଜବତ କରିଦେଇଛି ଓ ମହିଳାମାନଙ୍କୁ କୌଣସି ପ୍ରକାରର ସ୍ଵାଧିନତା ଦେଇନାହିଁ । ମୋ ହିସାବରେ,ଇସଲାମ୍ ମହିଳାମାନଙ୍କୁ ଘର ଭିତରେ ବନ୍ଦ କରି ରଖିଦେଇଥିଲା । କିନ୍ତୁ ଆଜି ଏହି ଭାଷଣ ଶୁଣିବା ପରେ ମୋର ଦୃଷ୍ଟି କୋଣ ବଦଳି ଯାଇଛି ।

ମୁଁ ଏକଥାକୁ କହିବା ପାଇଁ କେବେ ବି ଲଜ୍ଜା ଅନୁଭବ କରିବି ନାହିଁ ଯେ ଇସଲାମ୍ ମହିଳାମାନଙ୍କୁ ଯେଉଁ ଅଧିକାର ପ୍ରଦାନ କରିଛି,ତାହା ଖ୍ରୀଷ୍ଟିଆନ୍ ଧର୍ମ ମହିଳାମାନଙ୍କୁ ଦେଇନାହିଁ । ଦେଖନ୍ତୁ ଇଏ ହେଉଛନ୍ତି ଜଣେ ଇସାଇ ପାଦ୍ରୀ,କିନ୍ତୁ କହୁଛନ୍ତୁ ଯେ ଇସଲାମ୍ ମହିଳାମାନଙ୍କୁ ଯେଉଁ ଅଧିକାର ପ୍ରଦାନ କରିଛି,ତାହା ଖ୍ରୀଷ୍ଟିଆନ୍ ଧର୍ମ ମହିଳାମାନଙ୍କୁ ଦେଇନାହିଁ ବୋଲି । ଆମେ ବିନା କାରଣରେ ଆମ ମହିଳାମାନଙ୍କୁ ଦୁର୍ବ୍ୟବହାର କରିଥାଉଁ ଏବଂ ମହିଳାମାନଙ୍କୁ ନିଜର ଗୁଲାମ୍ ଭାବିଥାଉଁ । ଆପଣଙ୍କ ଖଲିଫା ସମ୍ପୂର୍ଣ୍ଣ ଠିକ କହିଛନ୍ତି ଯେ ପୁରୁଷ କୌଣସି ନା କୌଣସି ପ୍ରକାରେ ବଳ ପୟୋଗ କରି ନିଜର ଅଧିକାରକୁ ନେଇଯାଇଥାଏ । ଆଜି ମୁଁ ଏହା ଅନୁଭବ କଲି ଯେ ଇସଲାମ୍ ହିଂସାତ୍ମକ ଶିକ୍ଷାକୁ ପ୍ରସୟ ଦିଏ ନାହିଁ ବରଂ ଇସଲାମର ଶିକ୍ଷା ବହୁତ ସୁନ୍ଦର ।

ପୁଣି ଆଇଭରୀ କୋଷ୍ଟ ଦେଶର ଜଣେ ଜେରେ ତବଲିଗ୍ (ଅର୍ଥାତ୍ ଯାହାଙ୍କୁ ଇସଲାମର ଅହେମଦୀୟତର ବାର୍ତ୍ତା ଦିଆଯାଉଅଛି କିନ୍ତୁ ସେ ଏପର୍ଯ୍ୟନ୍ତ ଇସଲାମ ଅହେମଦୀୟତ୍ ଗ୍ରହଣ କରିନାହାନ୍ତି) ବନ୍ଧୁ ଅଛନ୍ତି,ସେ କହୁଛନ୍ତି:ମତେ ଜମାଅତର ପରିଚୟ ବିଭିନ୍ନ ଉତ୍ସ ମାଧ୍ୟମରେ ମିଳୁଅଛି କିନ୍ତୁ ଜଲସା ସାଲାନା ୟୁ କେ ଗୋଟିଏ ନିଆରା ଶୈଳୀରେ ନିଜର ପରିଚୟ ଉପସ୍ଥାପନ କରୁଅଛି । ସେ ପ୍ରଥମ ଥର ପାଇଁ କୌଣସି ଏପରି ଜଲସାକୁ ଟି ଭି ମାଧ୍ୟମରେ ଲାଇଭ୍ ଦେଖିବାକୁ ପାଇଲେ । ସେ ଜଲସାର ବ୍ୟବସ୍ଥାକୁ ଦେଖି ବହୁତ ପ୍ରଭାବିତ ହୋଇଥିଲେ । ସେ କୁହନ୍ତି :ଏତେ ବଡ଼ ସଂଖ୍ୟାରେ ଲୋକମାନେ ଏତେ ସୁବ୍ୟବସ୍ଥିତ ଏବଂ ସୁଚିନ୍ତିତ ଢଙ୍ଗରେ କରାଯାଇଥିବା ପ୍ରୋଗ୍ରାମରେ ଅଂଶଗ୍ରହଣ କରିବା ଏହା ସୂଚାଇ ଦେଉଛି ଯେ ଖିଲାଫତ୍‌ର ତରବିୟତ୍ (ଶିକ୍ଷା ଏବଂ ତାଲିମ୍) ସେମାନଙ୍କ ଉପରେ ଏକ ଗଭୀର ପ୍ରଭାବ ପକାଇଛି । ପୁଣି ସେ କହିଲେ : ତାଙ୍କୁ ଏହା ଜଣାନଥିଲା ଯେ ରସୁଲେ କରିମ୍ ସ ଆ ସଙ୍କ ହାତରେ ଲୋକମାନେ କିପରି ବୟତ କରୁଛନ୍ତି କିନ୍ତୁ ଆଜି ଖଲିଫାଙ୍କ ହାତରେ ଲୋକମାନଙ୍କୁ ବୟତ କରୁଥିବାର ଦେଖି ଯେଉଁ ଗଭୀର ପ୍ରଭାବ ତାଙ୍କ ମନ ଉପରେ ପଡ଼ିଲା ଏବଂ ଯେଉଁ

ଅବସ୍ଥା ମନରେ ସୃଷ୍ଟି ହେଉଛି ତାହା ଅବର୍ଣ୍ଣନନୀୟ । ସେ ପୁଣି କହିଲେ: ଏବେ ମୁଁ ନିୟମିତ ଭାବରେ ଆପଣଙ୍କ ଖଲିଫାଙ୍କ ଖୁତବା ଶୁଣିବି ।

କଙ୍ଗୋ କାଂସାସା ଦେଶର ଇମିଗ୍ରସନ୍ ବିଭାଗର ପ୍ରତିନିଧି ସେଠାକୁ ଆସିଥିଲେ । ଜଲାସାରେ ସାମିଲ୍ ହେଲେ ଏବଂ ସେଠାରେ ସେ ଲୋକମାନଙ୍କ ସହିତ ମୋ ଭାଷଣକୁ ଶୁଣିଲେ । ସେ କୁହନ୍ତି : ଏହି ଭାଷଣ ତାଙ୍କୁ ଏକଥା ଭାବିବାକୁ ବାଧ୍ୟ କରିଦେଇଛି ଯେ ସେ ଏପର୍ଯ୍ୟନ୍ତ କାହିଁକି ଅହେମଦୀ ହୋଇନାହାନ୍ତି । ସେ ଏହା ପ୍ରତିଶୃତି/ପ୍ରତିଜ୍ଞା କରି ଗଲେ ଯେ ସେ ଆସନ୍ତାକୁ (ଅର୍ଥାତ ଆଗକୁ ଭବିଷ୍ୟତରେ)ଆମ ମିଶନ୍ ହାଉସକୁ ଆସିବେ ଏବଂ ଜମାଅତ୍ ବିଷୟରେ ଅଧିକା ଗବେଷଣା କରିବେ ।

ଏମ୍ ଟି ଏ ଜରିଆରେ ଲୋକମାନଙ୍କୁ ଶିକ୍ଷା/ତାଲିମ୍/ପ୍ରଶିକ୍ଷଣ ମଧ୍ୟ ହୋଇଥାଏ

ମରାଉ (Maroua) ଜମାଅତର ମିଶନ୍ ହାଉସ୍ ରେ ମଧ୍ୟ ଜଲସା ସାଲାନା ୟୁ କେ ଦେଖିବାର ବ୍ୟବସ୍ଥା କରାଯାଇଥିଲା । କାମେରୁନ୍ ଦେଶର ଗୋଟିଏ ଜମାଅତ୍ ମରାଉଠାରେ ରହିଛି । ସେଠାରେ ଲୋକମାନେ ଜଲସା ଦେଖୁଥିଲେ । ସେମାନଙ୍କ ମଧ୍ୟରେ ନିକଟରେ ଥିବା ଗୋଟିଏ ଗାଁର ଉମ୍ମୁଲ୍ ନାମକ ଜଣେ ବି ମହିଳା ସାମିଲ୍ ଥିଲେ । ସେ ତିନି ଦିନଯାକ ଜଲସାରୁ ଲାଭ ଉଠାଇଲେ । ଜସଲା ସାଲାନା ଶେଷ ହେବା ପରେ ସେ ସେଠାରେ ଉପସ୍ଥିତ ସବୁ ଲୋକମାନଙ୍କୁ କହିଲେ ଯେ : ଆମେ କେଡ଼େ ଭାଗ୍ୟବାନ ଯେ ଆମ ନିକଟରେ ଏମ୍ ଟି ଏ ରହିଛି । ଏମ୍ ଟି ଏ ଗୋଟିଏ ଟି ଭି ଚ୍ୟାନେଲ୍ ନୁହେଁ ବରଂ ଗୋଟିଏ ସ୍କୁଲ୍ ଓ ୟୁନିଭରସିଟି,ଯେଉଁଠାରେ ମଣିଷ ପ୍ରତ୍ୟହ ଜ୍ଞାନ ଆହାରଣ କରିଥାନ୍ତି । ଏହି ତିନି ଦିନ ମଧ୍ୟରେ ଆମେ ବହୁତ କିଛି ଶିଖିଲୁଁ । ଆମ ନିକଟରେ କେବୁଲରେ ଏମ୍ ଟି ଏ ଉପଲବ୍ଧ ରହିଛି । (ସେଠାରେ କେବଲ ଜରିଆରେ ଏମ୍ ଟି ଏ ପ୍ରସାରଣ କରାଯାଉଛି) ତେଣୁ ପ୍ରତ୍ୟେକଙ୍କୁ ଏହାର ଲାଭ ଉଠାଇବା ଉଚିତ୍ । ସେ ସେଠାରେ ଉପଦେଶ ଦେଲେ ଯେ ନିୟମିତ ଭାବରେ ଘରେ ଘରେ ଏମ୍ ଟି ଏ ଦେଖିବା ଉଚିତ୍ ଏବଂ ପିଲାମାନଙ୍କୁ ମଧ୍ୟ ଦେଖାଇବା ଉଚିତ । ଯଦ୍ଦ୍ୱାରା ସମସ୍ତଙ୍କର ଇସଲାମୀୟ ଜ୍ଞାନ ବଢିବ । ବିଶେଷ କରି ଖଲିଫାଙ୍କ ବକ୍ତବ୍ୟଗୁଡ଼ିକୁ ଏବଂ ଖୁତବାଗୁଡ଼ିକୁ ନିଶ୍ଚିତ ଭାବରେ ଶୁଣନ୍ତୁ,ଏହା ଦ୍ୱାରା ଆମର ବିଶ୍ୱାସ ବଢିବ

କଙ୍ଗୋ କାଂସାସା ଦେଶର ଆଉ ଗୋଟିଏ ମନୋଭାବବ୍ୟକ୍ତ ଏପରି ରହିଛି । ଇଲେବୁ (Ilebo) ଜମାଅତ୍ ରେ ଜଲସାର ପ୍ରୋଗ୍ରାମ୍ ଦେଖିବା ପାଇଁ ହମ୍ବଲି ମୁସଲମାନ ଫିର୍କାର ଇମାମଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଜଲସା ଶେଷ ହେବା ପରେ ସେ କହିଲେ : ଯେଉଁଭଳି ଜମାଅତ୍ ଅହେମଦୀୟା ଇସଲାମର ଏହି ପ୍ରକୃତ ଶିକ୍ଷାକୁ ଉପସ୍ଥାପିତ କରୁଅଛି, ଯେଉଁ ଶିକ୍ଷାକୁ ହଜରତ୍ ମୁହମ୍ମଦ୍ ସ ଆ ସ ଆମକୁ ପ୍ରଦାନ କରିଛନ୍ତି, ମୋ ମତରେ ଏହା ଏହି ଜମାଅତର ଏକ ସ୍ୱତନ୍ତ୍ର ଗୁଣ । ମୁଁ ଏବେ ଏହା ଚାହୁଁଛି ଯେ କିଛି ବି ହେଉ ଯେ କୌଣସି ପ୍ରକାରେ ଏହି ଜମାଅତରେ ସାମିଲ୍ ହୋଇଯିବି । ଅଲ୍ଲାଃତାଲା ମତେ ଏହା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃ ଏହା ହିଁ କରନ୍ତୁ । ଅଲ୍ଲାଃତାଲା ତାଙ୍କୁ ଶକ୍ତି ଏବଂ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଆଲବାନିୟା ଦେଶର ଜଣେ ଜେରେ ତବଲିଗ୍ ବନ୍ଧୁ ହେଉଛନ୍ତି ୱିଲମା(Vilma) । ସେ କୁହନ୍ତି : ଜଲସା ସାଲାନା ୟୁ କେ ଏକ ମହାନ ଜଲସା ଥିଲା । ସେହି ଜଲସାରେ ଯୋଗଦାନ କରିଥିବା ଲୋକମାନଙ୍କର ସଂଖ୍ୟା ଅସାଧାରଣ ଥିଲା । ମୁଁ ଏପର୍ଯ୍ୟନ୍ତ ଜମାଅତରେ ସାମିଲ୍ ତ ହୋଇନାହିଁ କିନ୍ତୁ ଏହି ଜଲସାରୁ ମତେ ଏ ପ୍ରେରଣା ମିଳିଲା ଯେ ମୁଁ ଏହି ଜଲସାର ମହତ୍ୱ ଏବଂ ସତ୍ୟତା ବିଷୟରେ ଗମ୍ଭୀର ଭାବରେ ଚିନ୍ତା କରିବି । ସେହିପରି ଖଲିଫାଙ୍କ ଭାଷଣ ଶୁଣି ମତେ ଏହା ଅନୁଭବ ହେଲା ଯେ ମୁଁ ତାଙ୍କ କଥାରେ ସହମତ ଅଟେ । ଖଲିଫା ଯେଉଁଭଳି ବିଷୟବସ୍ତୁ ଗୁଡ଼ିକର ବ୍ୟାଖ୍ୟା କଲେ, ତାହା ମୋ ବିଶ୍ୱାସକୁ ବହୁଗୁଣିତ କଲା । ମୋର ଏ ଆନ୍ତରିକ ଇଚ୍ଛା ଯେ ଏହିପରି ଜଲସାଗୁଡ଼ିକରେ ମୁଁ ଆସନ୍ତାକୁ ମଧ୍ୟ ବ୍ୟକ୍ତିଗତ ଭାବରେ ସାମିଲ୍ ହେବି ।

ଫ୍ରେଂଚ୍ ଗୟାନା ଦେଶରେ ଜଣେ ଆଫ୍ଗାନୀ ମହିଳା ଅଛନ୍ତି । ସେ ନିଜ ସନ୍ତାନ ମାନଙ୍କ ସହିତ ଉଦଯାପନୀ ଭାଷଣ ଶୁଣିବା ପାଇଁ ଆସିଥିଲେ । ସେ କୁହନ୍ତି : ଆପଣଙ୍କ ଜମାଅତ୍ ବିଷୟରେ ଆମକୁ ପୂର୍ବରୁ ଅଳ୍ପ କିଛି ଜଣାଥିଲା କିନ୍ତୁ ଜଲସା ୟୁ କେ ରେ ଆପଣଙ୍କ ଖଲିଫାଙ୍କ ଭାଷଣ ଶୁଣିବା ପରେ ଏକ ପ୍ରକାରର ଅଦ୍ଭୁତ ପରିସ୍ଥିତି ହୋଇଯାଇଥିଲା । ଇସଲାମରେ ମହିଳାମାନଙ୍କ ଅଧିକାର ବିଷୟରେ ଶୁଣିଲୁ ଯେ ଆମ ଧର୍ମ ମହିଳାମାନଙ୍କର ଅଧିକାର ପ୍ରତି କେତେ ଯତ୍ନବାନ୍ । ଏହା ଶୁଣି ବହତୁ ଶାନ୍ତି ମିଳିଲା । ପୁଣି ସେ କୁହନ୍ତି : ବୋଧହୁଏ ସେଇଥିପାଇଁ ବହୁତ ଅଧକା ଅନୁଭବ ହେଉଥିଲା । କାରଣ ଆଫଗାନିସ୍ତାନରେ ତାଲିବାନ୍ ଯେଉଁ ଇସଲାମକୁ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି,ସେଥିରେ ମହିଳମାନଙ୍କର କୌଣସି ସ୍ଥିତି ହିଁ ନାହିଁ । ଯେବେ କି ବାସ୍ତବରେ ଇସଲାମ୍ ତ ମହିଳାମାନଙ୍କ ଅଧିକାରକୁ ସମ୍ପୂର୍ଣ୍ଣ ରୂପେ ସୁରକ୍ଷା ଦେଇଥାଏ ।

ଲାଇବେରିଆର ଜଣେ ଅଣ ମୁସଲମାନ୍ ଅତିଥି ଅମୋସ୍ ଓ୍ୱନ୍ସିହ୍ (Amos Wonseah)ସାହେବ୍ ଅଛନ୍ତି । ସେ ପୋଲିସ ବିଭାଗରେ ଆଇ ଡ଼ି କମାଣ୍ଡର୍ ଅଛନ୍ତି । ଶିକ୍ଷିତ ଲୋକ । ନିମନ୍ତ୍ରଣ ପାଇ ଜଲସାରେ ଯୋଗ ଦେଇଥିଲେ । ସେ କହିଲେ ଯେ, ସେ ଯେବେ ଦ୍ୱିତୀୟ ଦିନ ମୋର ଭାଷଣ ଶୁଣିଲେ,ବହୁତ ପ୍ରଭାବିତ ହେଲେ । ତାଙ୍କୁ ଦ୍ୱିତୀୟ ଦିନ ଆମନ୍ତ୍ରିତ କରାଯାଇଥିଲା । କିନ୍ତୁ ତୃତୀୟ ଦିନ ସେ ନିଜଆଡୁ ପୁଣି ଆସିଥିଲେ ଏବଂ ଭାଷଣ ପରେ ସେ ଏହା ପ୍ରକାଶ କଲେ ଯେ ଇସଲାମ୍ ବିଷୟରେ ମୋ ଚିନ୍ତଧାରା ବହୁତ ନକାରତ୍ମକ ଥିଲା । ଏହାର କିଛିଟା କାରଣ କେତେକ ମୁସଲମାନଙ୍କ ବ୍ୟବହାର ବି ଥିଲା । କିନ୍ତୁ ଏହି ଜଲସାର ପ୍ରୋଗ୍ରାମ ଦେଖିବା ପରେ ମୁଁ ଅନୁଭବ କଲି ଯେ ଇସଲାମ୍ ହେଉଛି ଏକ ଶାନ୍ତିପୂର୍ଣ୍ଣ ଧର୍ମ ଏବଂ ଅହେମଦୀୟା ଜମାଅତ୍ ପ୍ରତ୍ୟେକ କ୍ଷେତ୍ରରେ ମାନବିକତାର ସେବାରେ ନିୟୋଜିତ ରହିଛି । ତେଣୁ ଆଜି ଇସଲାମ୍ ସମ୍ବନ୍ଧରେ ଥିବା ମୋର ଚିନ୍ତାଧାରା ବି ବଦଳି ଗଲା ଏବଂ ଯାହା ବି ସନ୍ଦେହ ଥିଲା ତାହା ଦୂର ହୋଇଗଲା ।

ପୁଣି ସେ ଏହା ବି କହିଲେ ଯେ ଯଦି ଏ ଇଲାକାରେ ଜମାତ୍ ଅହେଦୀୟା ପୂର୍ବରୁ ଏହି ଅଂଚଳରେ ପହଂଚିଥାନ୍ତା ତାହେଲେ ଏପର୍ଯ୍ୟନ୍ତ ଅନେକ ଲୋକେ ଜମାତ ଦ୍ୱାରା ଇସଲାମ୍ ଗ୍ରହଣ କରିସାରିଥାନ୍ତେ ।

ଫ୍ରେଂଚ୍ ଗୟାନା, ସେଠାରେ ବି ଜମାତି ସ୍ତରରେ ଜଲସା ଶୁଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ତାହା ଗୋଟିଏ ଛୋଟିଆ ଜମାଅତ୍ ଏବଂ ଅଳ୍ପ ସଂଖ୍ୟକ ଲୋକ ସେଠାକୁ ଆସିଥିଲେ । ସେଠରେ ହାଇତି ଦେଶ ସହିତ ସମ୍ପର୍କ ରଖିଥିବା ଦୁଇଜଣ ଜେରେ ତବଲିଗ୍ ଇସାଇ (ଖ୍ରୀଷ୍ଟିଆନ୍) ବନ୍ଧୁ ଜଲସାର ଉଦଯାପନୀ ଭାଷଣ ଶୁଣିବାକୁ ଆସିଥିଲେ । ଦୁଇଜଣଯାକ ସାଙ୍ଗ ଥିଲେ । ସେମାନେ କହିଲେ:ଆମେ ଅଶ୍ଚର୍ଯ୍ୟ ଯେ ଆପଣଙ୍କ ଖଲିଫା ଯେଉଁ ବିଷୟବସ୍ତୁକୁ ନିଜ ଭାଷଣରେ ଉପସ୍ଥାପନ କଲେ,ଅର୍ଥାତ୍ ମହିଳମାନଙ୍କ ଅଧିକାର ବିଷୟରେ, ଏହା ହେଉଛି ସେହି ବିଷୟ ଯାହା ବିଷୟରେ ଆମେ ଦୁଇଜଣ ଗତ ଦୁଇ ଦିନ ହେବ କଥା ହେଉଥିଲୁ ଯେ ମହିଳମାନଙ୍କ ଅଧିକାର ସମ୍ବନ୍ଧରେ ଇସଲାମ ଧର୍ମରେ କ'ଣ ଶିକ୍ଷା ରହିଛି ? ଆମକୁ ଏହା ଜଣା ନଥିଲା ଯେ ଇସଲାମ୍ ମହିଳମାନଙ୍କ ଅଧିକାର ପ୍ରସଙ୍ଗରେ ଏପରି ସମ୍ପୂର୍ଣ୍ଣ ଏବଂ ବିସ୍ତୃତ ଶିକ୍ଷା ଦେଇଥାଏ । ଯଦି ଆମେ ଆଜି ଆପଣଙ୍କ ଖଲିଫାଙ୍କ ଭାଷଣ ଶୁଣି ନଥାନ୍ତୁ ,ତାହେଲେ ଅମେ ବୋଧହୁଏ ଏପରି ସୁନ୍ଦର ଏବଂ ସିଦ୍ଧ ଶିକ୍ଷା ବିଷୟରେ କିଛି ଜାଣି ପାରିନଥାନ୍ତୁ । ଆଜିର ଯୁଗରେ ମହିଳାମାନଙ୍କ ଅଧିକାର ବିଷୟରେ ଅନେକ ଚର୍ଚ୍ଚା ତ କରଯାଉଅଛି ,କିନ୍ତୁ ଉଭୟ ପୁରୁଷ ଏବଂ ମହିଳାଙ୍କର ଯେଉଁ ଦାୟିତ୍ୱ ରହିଛି,ସେ ସବୁକୁ ଠିକ୍ ଠିକ୍ ଭାବରେ,ପ୍ରକୃତ ରଙ୍ଗରେ ହିଁ ଇସଲାମ୍ ଉପସ୍ଥାପନ କରିଥାଏ । ଆଜିକାଲି ଏହି ଲୋକମାନେ ଲାଇଫ୍ ଅଫ୍ ମୁହମ୍ମଦ୍ (Life of Muhammad) ପଢୁଛନ୍ତି । ପୁଣି ଆହୁରି ଅଧିକା ଲିଟରେଚର୍ ମାଗିଛନ୍ତି ।

ମରିସସ୍ ଦେଶରୁ ରିପୋର୍ଟ ହସ୍ତଗତ ହୋଇଛି । ସେଠାରେ ଜଲସାର ସିଧା ପ୍ରସାରଣକୁ ଦେଖିବା ପାଇଁ ଲୋକମାନେ ଏକତ୍ରିତ ହେଲେ । ପାର୍ଲିଆମେଂଟ ମେମ୍ବର୍ ତାନିଆ ଦେଓ୍ୱଲେ (Tania Diolle) ସାହିବା ମଧ୍ୟ ଆସିଥିଲେ । ସେ ପାର୍ଲିଆମେଂଟରୀ ପ୍ରାଇଭେଟ୍ ସେକ୍ରେଟାରୀ ପଦବୀରେ ଅଛନ୍ତି । ସେ କୁହନ୍ତି : ଏଠାରେ ଏକ ଚମତ୍କାର ଦୃଶ୍ୟ ଥିଲା । ଜମାଅତ୍ ଅହେମଦୀୟାର ସଭା ଏବଂ ଜମାଅତ୍ ଅହେମଦୀୟାର କଲଚର୍(ସଂସ୍କୃତି)କୁ ଦେଖିବାର ବହୁତ ଭଲ ଅନୁଭୂତି ମୋର ରହିଛି । ଏହା ଅତ୍ୟନ୍ତ ପ୍ରଭାବଶାଳୀ କଥା ଯେ ଆପଣମାନେ ଲଣ୍ଡନ ପରି ସହରରେ ଏତେ ବଡ଼ ଧର୍ମସଭା ର ଆୟୋଜନ କରିଆସୁଛନ୍ତି । ପୁଣି ସେ କୁହନ୍ତି : ଏକଥା ମଧ୍ୟ ସତ୍ୟ ଯେ ଆଜିକାଲି ଯେଉଁ ଅର୍ଥନୈତିକ ଏବଂ ସାମାଜିକ ପରିସ୍ଥିତି ରହିଛି,ତା ଦୃଷ୍ଟି କୋଣରୁ ଧର୍ମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ଏତେ ସଂଖ୍ୟକ ଲୋକେ୍ ନିଜ ନିଜର ସମୀକ୍ଷା କରିବା ପାଇଁ ଏବଂ ଏକ ଆଧ୍ୟାତ୍ମିକ ଉଦ୍ଦେଶ୍ୟ ପାଇଁ ଏକାଠି ହେବା ବହୁତ ବଡ଼ ଉପଲବ୍ଧି ।

ବିଶେଷ କରି ଯେତେବେଳେ ଆମେ ସମସ୍ତେ ଏକ ବିଷମ/କଠିନ ପରିସ୍ଥିତି ଦେଇ ଗିତି କରୁଅଛେ ଏବଂ ଏହି ବିଶ୍ୱ ଅନେକ ସଂକଟରେ ପୀଡ଼ିତ ଅଛି ।

ମୋ ମତରେ ଏହି ପ୍ରକାରର ସଭା ସମାଜକୁ ସଠିକ୍ ମାର୍ଗରେ ମାର୍ଗଦର୍ଶନ କରାଇବା ପାଇଁ ଏବଂ ଉଚ୍ଚ ମୂଲ୍ୟବୋଧ ବଜାୟ ରଖିବା ନିମନ୍ତେ ବହୁତ ସାହାଯ୍ୟକାରୀ ହୋଇଥାଏ । ମୋର ଏହି ଅଭିଜ୍ଞତା ବହୁତ ହୃଦୟସ୍ପର୍ଶୀ । ମୁଁ ଏଠାରୁ ବହୁତ କଥା ଶିଖିଲି । ତା ସହିତ ହିଁ ଏହି କ୍ଷଣଗୁଡ଼ିକ ମୋ ପାଇଁ ପ୍ରଣୀଧ୍ୟାନ ଯୋଗ୍ୟ ହୋଇ ରହିବ ।

ନୂଆ ଅହେମଦୀମାନେ ମଧ୍ୟ ନିଜ ନିଜର ମତାମତ ପଠାଇଛନ୍ତି । ବୁର୍କୀନାଫାସୋର ଜଣେ ନୂଆ ମହିଳା

ଅହେମଦୀ ହଓ୍ୱା ସାହିବା କୁହନ୍ତି : ଯୁଗ ଖଲିଫାଙ୍କ ଖୋଲା ଏବଂ ସ୍ପଷ୍ଟ ଶବ୍ଦଗୁଡ଼ିକ ଆମକୁ ବତାଇଦେଉଛି ଯେ ଆମେ ଅହେମଦୀୟତକୁ ପ୍ରକୃତ ଇସଲାମ୍ ଭାବରେ ଗ୍ରହଣ କରି କେବଳ ଏଇଥିପାଇଁ ବୟତ କରିନାହୁଁ ଯେ ଆମେ ଅନ୍ୟମାନଙ୍କୁ ବି ଅହେମଦୀ କରିବା ବରଂ ଏଇଥିପାଇଁ ଯେ ଆମେ କିପରି ଏ ସମାଜରେ ନିଜେ ମଧ୍ୟ ଜଣେ ଆଦର୍ଶ ଅହେମଦୀ ଭାବରେ ରହିବା ଏବଂ ନିଜ କଥନ ଅନୁସାରେ କର୍ମକୁ କରି ନିଜ ଇମାନ୍(ଈଶ୍ୱରବିଶ୍ୱାସ)କୁ ସୁଦୃଢ଼ କରିବା ସହିତ ନିଜର ଆସ୍ଥାକୁ ବି ବଢ଼ାଇବା ।

ଏବେ ଦେଖନ୍ତୁ ଲୋକମାନେ ଏକଥା କୁହନ୍ତି ଯେ ଆଫ୍ରିକାର ଲୋକମାନେ ଅଶିକ୍ଷିତ । ଏବେ ଏହି ମହିଳା ଜଣକୁ ଦେଖନ୍ତୁ ,ସେ କହିଲେ ଆମେମାନେ ନିଜ ମଧ୍ୟରେ ଏପରି ପରିବର୍ତନ ଆଣିବା ଯେ ଆମର କଥନ ଏବଂ କର୍ମ ସମାନ ହେଉଥିବ । ଏକଥା ପ୍ରତ୍ୟେକ ଶିକ୍ଷିତ ଅହେମଦୀଙ୍କ ପାଇଁ ଏବଂ ନିଜକୁ ଶିକ୍ଷିତ ବୋଲାଉଥିବା ଅହେମଦୀ ମାନଙ୍କ ପାଇଁ ,ୟୁରୋପରେ ରହୁଥିବା ଅହେମଦୀ ମାନଙ୍କ ପାଇଁ ଏବଂ ବିକଶିତ ରଷ୍ଟ୍ରରେ ରହୁଥିବା ଅହେମଦୀ ମାନଙ୍କ ପାଇଁ ପ୍ରଣିଧାନ ଯୋଗ୍ୟ । ତେଣୁ ସେମାନଙ୍କୁ ଏ ବିଷୟରେ ଚିନ୍ତା ଓ ବିଚାର କରିବା ଉଚିତ ଯେ ନିଜ କଥନ ଏବଂ କର୍ମକୁ ପ୍ରତ୍ୟେକ ସ୍ଥାନରେ ସମାନ କରନ୍ତୁ ।

ଇଣ୍ଡୋନେସିଆର ଜଣେ ନୂତନ ଅହେମଦୀ ମହିଳା କୁହନ୍ତି ଯେ ଜଲସା ସାଲାନା ୟୁ କେ ଏକ ଅସାଧାରଣ ଜଲସା । ସେ କୁହନ୍ତି : ମୁଁ ହେଉଛି ଜଣେ ନୂଆ ଅହେମଦୀ । ଏହା ମୋ ପାଇଁ ଏହି ଐଶ୍ୱରୀୟ ଜମାଅତରେ ମୋ ଆଧ୍ୟାତ୍ମିକତାକୁ ବଢ଼ାଇବାର ମୁହୂର୍ତ । ମୁଁ ଦେଖିଲି ଯେ ଲୋକମାନେ ଦଳ ଦଳ ହୋଇ ଏହି ପବିତ୍ର ଜଲସାରେ ଯୋଗଦେବା ପାଇଁ ଆସୁଛନ୍ତି । ଯଦିଓ ମୁଁ ଏହି ଜଲସା କେବଳ ଟି ଭିରେ ଦେଖିଛି କିନ୍ତୁ ମୋ ହୃଦୟ ଓ ମନ ୟୁ କେ ଜଲସାରେ ରହିଥିଲା । ଏହି ଜଲସା ଦ୍ୱାରା ଏହି ଐଶ୍ୱରୀୟ ଜମାଅତ୍ ଉପରେ ମୋର ଇମାନ୍ (ବିଶ୍ୱାସ) ବଢ଼ିଛି ଏବଂ ମୁଁ ଭବିଷ୍ୟତରେ ଆହୁରି ଭଲ ହୋଇଯିବି ।

କଙ୍ଗୋ ବ୍ରାଜାଭିଲ୍ରୁ ଗୋଟିଏ ରିପୋର୍ଟ ହସ୍ତଗତ ହୋଇଛି ଯେ ମହିଳାମାନଙ୍କ ପଟରେ ମୋର ଯେଉଁ ବକ୍ତବ୍ୟ ଥିଲା,ତାକୁ ଶୁଣି ଲୋକଲ୍ (ସ୍ଥାନୀୟ) ଲଜନାଃ ଏ ପ୍ରତିଜ୍ଞା କଲେ ଯେ ଆମେ ଇସଲାମ୍ ଅହେମଦୀତକୁ ବିସ୍ତାର କରିବା ପାଇଁ ନିଜକୁ ଏବଂ ନିଜ ପିଲାମାନଙ୍କୁ ପ୍ରତ୍ୟେକ ପ୍ରକାରର କୁର୍ବାନୀ (ବଳିଦାନ) ପାଇଁ ପ୍ରସ୍ତୁତ କରିବୁ ।

ପୁଣି ଜଣେ ମହିଳା ନୌମୁବାଇୟାଃ (ନୂତନ ଅହେମଦୀ ମହିଳା)କୁହନ୍ତି ଯେ ଆଧ୍ୟାତ୍ମିକ ପରିବେଶରେ ତିନି ଦିନ ବିତିଲା । ଆମେ ତ ଏହା ଚାହୁଁଛୁ ଯେ ପ୍ରତ୍ୟେକ ଦିନ ଏହିପରି ବିତୁ ଏବଂ ଆମେ ଏହିପରି ଆଧ୍ୟାତ୍ମିକ ପରିବେଶକୁ ଉପଭୋଗ କରିପାରୁ ।

ଇଣ୍ଡୋନେସିଆରୁ ଜଣେ ନୌମୁବାଇନ୍ ଏରି ହିମାଓ୍ୱାନ୍ (Erry Himawan) ସାହେବ୍ କୁହନ୍ତି : ମୁଁ ଜଣେ ନୌ ମୁବାଇନ୍ । ଜଲସା ସାଲାନା ୟୁ କେ ଲାଇଭ୍ ଷ୍ଟ୍ରିମ୍ ଜରିଆରେ ଦେଖିବା ପରେ ମୋ ତରଫରୁ କେବଳ ଗୋଟିଏ ଶବ୍ଦ ଅଛି : ଆଶ୍ଚର୍ଯ୍ୟଜନକ । ମୁଁ ବଡ଼ ଆଶ୍ଚର୍ଯ୍ୟ ଯେ ଦୁନିଆରେ କେବଳ ଏମିତି ଗୋଟିଏ ଇସଲାମୀୟ ସଂଗଠନ ରହିଛି, ଯାହାର ସଦସ୍ୟମାନେ ସମଗ୍ର ଦୁନିଆରେ ବ୍ୟାପି ରହିଛନ୍ତି । ଗୋଟିଏ ଟି ଭି ଚ୍ୟାନେଲ୍ ରହିଛି ଓ ତାହା ୨୪ ଘଂଟା ଚାଲିଛି । ମୁଁ ନିଜକୁ ନିଜେ ପଚାରୁଥିଲି ଯେ କ'ଣ କୌଣସି ଏପରି ଇସଲାମୀୟ ସଂଗଠନ ଅଛି କି ? ଯେମିତି ଯେହୁଓ୍ୱାଜ୍ ଓ୍ୱିଟନେସେସ୍ (Jehovah's Witnesses),(Mormons)ଏବଂ (Adventist-SDA) ଇତ୍ୟାଦି ଅଛନ୍ତି ଏମାନେ ସମସ୍ତେ ହେଉଛନ୍ତି ଖ୍ରୀଷ୍ଟିଆନ୍ ସଂଗଠନ ଏବଂ ଏମାନଙ୍କର ଲକ୍ଷ ଲକ୍ଷ ଅନୁଗାମୀ ଅଛନ୍ତି,ଶହ ଶହ ଦେଶରେ ଏମାନେ କାମ କରୁଛନ୍ତି । କିନ୍ତୁ ଏବେ ମତେ ଏହାର ଉତର ମିଳିଗଲା । ଗୋଟିଏ ଇସଲାମୀୟ ସଂଗଠନର ନାମ ହେଉଛି ଜମାଅତ୍ ଅହେମଦୀୟା ଯାହା ସାରା ଦୁନିଆରେ ବ୍ୟାପି ରହିଛି ଏବଂ ମୁଁ ଏହି ସଂଗଠନର ସଦସ୍ୟ ହୋଇଥିବାରୁ ଅତ୍ୟନ୍ତ ଖୁସି । ଏହି ଇସଲାମୀ ସଂଗଠନ ମୋ ଚରିତ୍ର ଏବଂ ମୋ ସ୍ୱଭାବର ଅନୁକୂଳ । ଏବେ ମୁଁ ଜଣେ ଅହେମଦୀ ହୋଇ ଶାରୀରିକ ତଥା ଆଧ୍ୟାତ୍ମିକ ବିକାଶ ହାସଲ କରିପାରିବି ।

କାଜାକିସ୍ତାନରୁ ବୁଗୁ ବାୟୋସ୍ ଦାଉରୈନ୍ ସାହେବ୍ କହୁଛନ୍ତି : ଜଲସା ମୋ ହୃଦୟରେ ଏକ ବିଶେଷ ପ୍ରଭାବ ପକାଇଛି । ମୁଁ ଜଲସା ସାଲାନାର କାର୍ଯ୍ୟକର୍ମ ମୋ ପତ୍ନୀଙ୍କ ସହିତ ଏକ ଆଧ୍ୟାତ୍ମିକ ପରିବେଶରେ ଦେଖିଲି । ଯୁଗ ଖଲିଫାଙ୍କ ଭାଷଣ ହୃଦୟରେ ଏକ ବିଶେଷ ପ୍ରଭାବ ପକାଇଛି, ମୁଁ ଏହାକୁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ । ସେହିପରି ଅନ୍ୟ ବକ୍ତାମାନଙ୍କର ଭାଷଣ ଗୁଡ଼ିକ ବି ବହୁତ ଭଲ ଥିଲା । ସମଗ୍ର ବିଶ୍ୱରେ ଅହେମଦୀମାନେ ଏମ୍ ଟି ଏ ଜରିଆରେ ଜଲସାର କାର୍ଯ୍ୟକ୍ରମଗୁଡ଼ିକୁ ଦେଖିବାର ସୌଭାଗ୍ୟ ମିଳିଲା । ଅଲ୍ଲାଃତାଲା ସମସ୍ତ କାରକୁନ୍ (କର୍ମୀ) ମାନଙ୍କୁ ଏବଂ ପରିଚାଳନା ଦୟିତ୍ୱରେ ଥିବା ସଦସ୍ୟମାନଙ୍କୁ ଏହାର ଉତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ନିଜ ପାଇଁ ମଧ୍ୟ ଦୁଆ କରିବାକୁ ନିବେଦନ କଲେ ଯେ ଅଲ୍ଲାଃତାଲା ଏହି ଆଧ୍ୟାତ୍ମିକ ଅନୁଭବ ଏବଂ ସ୍ଥିତିକୁ ଆସନ୍ତା ବର୍ଷ ଜଲସା ପର୍ଯ୍ୟନ୍ତ ବଜାୟ ରଖନ୍ତୁ ଓ ସବୁଦିନ ପାଇଁ ବଜାୟ ରଖନ୍ତୁ ।

ଜାମ୍ବିଆର ଜଣେ ନୌମୁବାଇନ୍ ଯେବେ ମୋ ଭାଷଣକୁ ଶୁଣିଲେ,ସେ ନିଜ ଭାବନାକୁ ନିୟନ୍ତ୍ରଣ କରିପାରିଲେ ନାହିଁ । ତାଙ୍କ ଆଖିରୁ ଲୁହ ଝରିପଡ଼ିଲା । ତାଙ୍କ ସାଙ୍ଗରେ ବସିଥିବା ତାଙ୍କର ଜଣେ ବନ୍ଧୁ ଏ ବିଷୟେରେ ପଚାରିବାକୁ ଚାହିଁଲେ, ସେ ଉତର ଦେଇପାରିଲେ ନାହିଁ ଓ ହଲ୍ ବାହାରକୁ କିଛି କ୍ଷଣ ପାଇଁ ବାହାରି ଚାଲିଗଲେ । ସେ ଲୁହ ପୋଛି ପୁନର୍ବାର ଫେରି ଆସିଲେ । ତାଙ୍କୁ ପଚାରିବାରୁ ସେ କହିଲେ ଯେ ମୁଁ ମୋ ଜୀବନରେ ପ୍ରଥମ ଥର ପାଇଁ ଖଲିଫାଙ୍କୁ ଦେଖିଲି ଏବଂ ଖଲିଫାଙ୍କ ସ୍ୱରକୁ ଶୁଣିଲି । ତେଣୁ ମୋ ଆଖିରୁ ଲୁହ ଝରିପଡ଼ିଲା ।

ସେ କୁହନ୍ତି : ମୋର ବୟସ ଆସି ଅଶୀ ହେଲାଣି । ମୁଁ ମୋର ସାରା ଜୀବନ ଗଧ୍ଆମାନଙ୍କ ସହିତ ସମୟ ବିତାଇ ଦେଇଛି । ଅର୍ଥାତ ନିଷ୍ଠୁର ଅତ୍ୟାଚାରୀ ଲୋକମାନଙ୍କ ଗହଣରେ ବିତାଇ ଦେଇଛି । କିନ୍ତୁ ଅହେମଦୀୟତରେ ଆସିବା ପରେ ମୁଁ ଜାଣି ପାରିଲି ଯେ ଇସଲାମର ଅସଲ ଶିକ୍ଷା ହେଉଛି ପ୍ରେମକୁ ବିସ୍ତାର କରିବା ନା କି ଲୋକମାନଙ୍କ ମଧ୍ୟରେ ଘୃଣା ବିସ୍ତାର କରିବା । ପୁଣି ଦିନେ ଫଜର୍ ନମାଜ ବାଦ ଦରସ ଶେଷ ହେବା ପରେ ସେ ଉଠି ଛିଡ଼ା ହୋଇଗଲେ ଏବଂ ସେଠାରେ ଉପସ୍ଥିତ ସମସ୍ତ ଲୋକମାନଙ୍କୁ ସମ୍ବୋଧନ କରି କହିଲେ ଯେ ଏହି ମସଜିଦକୁ ଲୋକମାନଙ୍କ ଦ୍ୱାରା ଭରିବା କେବଳ ମୁରବୀ(ମୁବଲ୍ଲିଗ)ର କାମ ନୁହେଁ ବରଂ ଆମ ସମସ୍ତଙ୍କର ଦାୟିତ୍ୱ । ଆମେ ସମସ୍ତେ ତବଲିଗ୍ (ଇସଲାମେ ଅହେମଦୀୟତର ପ୍ରଚାର ପ୍ରସାର) କରିବା ଉଚିତ୍ ।

ଅଷ୍ଟ୍ରେଲିୟାର ଜଣେ ନୌମୁବାଇନ୍ ଇସା ଗେବ୍ରେ (Esaw Gebre) ସାହେବ୍ , ଯିଏ ପ୍ରଥମେ ବୟତ କରିସାରିଥିଲେ କିନ୍ତୁ ଗୈର୍ ଅହେମଦୀ (ଅଣ ଅହେମଦୀ) ମାନଙ୍କ ଆପତି ଅଭିଯୋଗରେ କିଛିଟା ପ୍ରଭାବିତ ହୋଇଯାଇଥିଲେ । ବିଶେଷ ଭାବରେ ସେ ଏହି ଆପତି ଅଭିଯୋଗ କରୁଥିଲେ ଯେ ଏହି ଜଲସା ହେଉଛି ଗୋଟିଏ ବିଦଅତ୍ (ଅର୍ଥାତ କୁପ୍ରଥା) । ସେ ସେଠି ଅଷ୍ଟ୍ରେଲିୟାରେ ମସଜିଦ୍ ବଇତୁଲ୍ ମସରୁର୍ ଠାରେ ଆଲମୀ ବୟତ୍ (ବିଶ୍ୱସ୍ତରୀୟ ସାମୁହିକ ବୟତ ଉତ୍ସବ) ରେ ସାମିଲ୍ ହୋଇ କହିଲେ ଯେ ମୋର ସବୁ ସନ୍ଦେହ ଏବଂ ଶଂକା ଦୂର ହୋଇଗଲା । କାରଣ ମୁଁ ସ୍ପଷ୍ଟ ଭାବରେ ଦେଖିପାରୁଛି ଯେ ଏହି ଜଲସା କେବଳ ଅଲ୍ଲାଃତାଲାଙ୍କ ଖାତିର୍ ହିଁ ଅନୁଷ୍ଠିତ କରାଯାଉଅଛି । ଏହା ମୋ ପାଇଁ ମୋ ବିଶ୍ୱାସକୁ ନବୀକରଣ କରିବାର ଏକ ସୁଯୋଗ ଥିଲା । ବୟତ ସମୟରେ ଖଲିଫାଙ୍କ ସହିତ ଦୁଆ (ପ୍ରାର୍ଥନା) ରେ ସାମିଲ୍ ହୋଇ ମୁଁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିତ ଯେ ମୋ ପ୍ରାର୍ଥନାଗୁଡ଼ିକ ଜରୁର୍ ଗ୍ରହଣୀୟ ହେବ ।

ଲୋକଙ୍କମାନଙ୍କର ବିଶ୍ୱାସରେ ଦୃଢ଼ତା ମଧ୍ୟ ଜଲସା ସାଲାନାର କାର୍ଯ୍ୟକର୍ମଗୁଡ଼ିକୁ ଦେଖି ସୃଷ୍ଟି ହୋଇଥାଏ ।

ଅଷ୍ଟ୍ରେଲିୟାର ଜଣେ ନୌମୁବାଇନ୍ ମିକିଆସ୍ ଗେବ୍ରେ (Mikias Gebre) ସାହେବ୍ କୁହନ୍ତି : ଏହି ଆଲମୀ ବୟତ୍ (ବିଶ୍ୱସ୍ତରୀୟ ସାମୁହିକ ବୟତ ଉତ୍ସବ)ମୋ ପାଇଁ ଏକ ଆଶ୍ଚର୍ଯ୍ୟଜନକ ଅନୁଭୂତି ଥିଲା । ସେତେବେଳେ ମୁଁ ଯେଉଁ ଆଧ୍ୟାତ୍ମିକ ସ୍ଥିତିରେ ଥିଲି ,ତା ପୂର୍ବରୁ କେବେ ବି ଏମିତି ସ୍ଥିତିକୁ ଅନୁଭବ କରିନଥିଲି । ଏପରି ଏକ ଆଧ୍ୟାତ୍ମିକ ପରିବେଶ ଥିଲା,ତାହା ମତେ ମାନସିକ ଏବଂ ଆଧ୍ୟାତ୍ମିକ ସନ୍ତୋଷ ପ୍ରଦାନ କରୁଥିଲା ।

ଲେସୋଥୋର ଜଣେ ନୌମୁବାଇନ୍ (ନୂତନ ଅହେମଦୀ) ୟୁସୁଫ୍ ଲାବିସା ସାହେବ୍ କୁହନ୍ତି : ଏହା ମୋର ପ୍ରଥମ ଜଲସା ଥିଲା ଏବଂ ମୁଁ ପ୍ରଥମ ଥର ପାଇଁ ଯୁଗ ଖଲିଫାଙ୍କୁ ଦେଖିଲି । ଯେଉଁଭଳି ସେ ସମାଜର ଦୂବଳତା ଏବଂ ମନ୍ଦ କାର୍ଯ୍ୟଗୁଡ଼ିକୁ ଇସଲାମୀୟ ଉଚ୍ଚ ଶିକ୍ଷା ଜରିଆରେ ସୁଧାରିବା ପାଇଁ ରାସ୍ତା ବତାଇଲେ,ତାହା ଆଜି ପର୍ଯ୍ୟନ୍ତ ମୁଁ ଆଉ କେଉଁଠାରେ ଶୁଣିନାହିଁ କି ଏପରି ଶିକ୍ଷା ମୁଁ ଖ୍ରିଷ୍ଟଧର୍ମରେ ମଧ୍ୟ ଦେଖିନାହିଁ ।

ଯେବେ ମୁଁ ଅହେମଦୀୟତ୍ ଉପରେ ଅନୁସନ୍ଧାନ କରୁଥିଲି,ଏବଂ ଯେବେ ମୁଁ ପ୍ରଥମ ଥର ଖଲିଫାଙ୍କ ଫଟୋ ଦେଖିଲି, ସେତେବେଳେ ଅଲ୍ଲାଃତାଲା ମତେ ସ୍ୱପ୍ନରେ କହିଲେ ଯେ ଏହା ହେଉଛି ସତ୍ୟଧର୍ମ । ଅହେମଦୀୟତ୍ ଆଡ଼କୁ ମୋର ଆସିବା ଏବଂ ପ୍ରକୃତ ଇସଲାମକୁ ପାଇବା,ବାସ୍ତବ ପକ୍ଷେ ଏହା ଅଲ୍ଲାଃତାଲାଙ୍କ ତରଫରୁ ହିଁ ମାର୍ଗଦର୍ଶିକା ଥିଲା ଯାହା ମୁଁ ଯୁଗ ଖଲିଫାଙ୍କୁ ଦେଖିବା ପରେ ପ୍ରାପ୍ତ କରିପାରିଛି । ଏହିପରି ଏ ଜଲସାକୁ ଜୀବନରେ ପ୍ରଥମ ଥର ଦେଖିବା ଏବଂ ବୟତ ଉତ୍ସବର ପ୍ରାଣପ୍ରଦ ଦୃଶ୍ୟକୁ ଅବଲୋକନ କରିବା ଓ ସେଥିରେ ସାମିଲ୍ ହେବା ପରେ ମୁଁ ମୋ ଭିତରେ ଏକ ପରିବର୍ତନ ଅନୁଭବ କରିପାରୁଛି । ଯେମିତି ମୋତେ ଗୋଟିଏ ନୂଆ ଜୀବନ ମିଳିଯାଇଛି ।

ଆଲବାନିଆର ପେଲୁମ୍ବ ବେଜା (Pellumb Beja) ସାହେବ୍ ଯିଏ ଜର୍ମାନୀରେ ଇତିହାସ ଶିକ୍ଷକ ଅଛନ୍ତି,ସେ ଚାରି ବର୍ଷ ପୂର୍ବେ ବୟତ କରିଥିଲେ । ସେ କୁହନ୍ତି : ଏବର୍ଷ ମତେ ଏମିତି ଲାଗୁଥିଲା ଯେମିତି ମୁଁ ଏଥିରେ ବ୍ୟକ୍ତିଗତ ଭାବରେ ଜଡ଼ିତ ଥିଲି । ଜଲସାର ପରିବେଶ ଏବଂ ଖଲିଫାଙ୍କ ଭାଷଣ ଏତେ ପ୍ରଭାବଶାଳୀ ଥିଲା ଯେ ମୁଁ ଏମିତି ଅନୁଭବ କଲି,ଯେମିତି ମୁଁ ଏହି ଜଲସାରେ ଶାରୀରିକ ଭାବରେ ନିଜେ ଉପସ୍ଥିତ ରହିଛି

ଏହି ବିଶ୍ୱସ୍ତରୀୟ ଜଲସା ସାଲାନା (ବାର୍ଷିକ ସମାବେଶ) ହେଉଛି ଏହାର ପ୍ରମାଣ ଯେ ଏହି ଜମାଅତରେ ଏକତା ରହିଛି । ସାରା ଦୁନିଆର ଅହେମଦୀମାନେ ଜଣେ ଖଲିଫାଙ୍କ ହାତରେ ଏକତ୍ରିତ ହୋଇଛନ୍ତି । ସମସ୍ତ ଅହେମଦୀ ନିଜ ନିଜର କର୍ତବ୍ୟକୁ ବୁଝିବାକୁ ଚାହୁଁଛନ୍ତି । ପୁଣି ସେ କୁହନ୍ତି : ସମସ୍ତ ଲୋକେ ଖଲିଫାଙ୍କ ନିର୍ଦ୍ଦେଶ/ଆଦେଶ ଶୁଣିବାକୁ ଅପେକ୍ଷା କରିଛନ୍ତି ଏବଂ ତାହା ଅନୁସାରେ ପରିଚାଳିତ ହେବା ପାଇଁ ଆନ୍ତରିକ ଇଚ୍ଛା ରଖିଛନ୍ତି । ପୁଣି ସେ କୁହନ୍ତି: ନିଜ ଉଦଯାପନୀ ଭାଷଣରେ ଖଲିଫା ଅତ୍ୟନ୍ତ ସରଳ ଭାଷାରେ ଏବଂ ଅତି ସ୍ୱଷ୍ଟ ଭାବରେ ହିଦାୟତ୍ (ଆଦେଶ) ଦେଲେ । ସେହି ଶବ୍ଦଗୁଡ଼ିକ ଏପରି ଥିଲା,ଯେପରି ସୋସାଇଟିର ପ୍ରତ୍ୟେକ ସମ୍ପ୍ରଦାୟ/ଗୋଷ୍ଠି ଏହାକୁ ସହଜରେ ବୁଝିପାରିବ । ଏହି ଭାଷଣ ଆମକୁ ଆମର ଦାୟିତ୍ୱ ଏବଂ କର୍ତବ୍ୟ ସାମନାରେ ଛିଡ଼ା କରିଦେଇଛି । ବିଶେଷକରି ଆେ ଯେଉଁମାନେ ଆଲବାନିଆନ୍ ସୋସାଇଟିରେ ବାସ କରୁଛୁ,ଯେଉଁଠାରେ ମହିଳାମାନଙ୍କର ଅଧିକାର ପ୍ରସଙ୍ଗରେ ଅନେକ ସମସ୍ୟା ରହିଛି ।

ପୁଣି ନାଇଜେରିଆର ଗୋଟିଏ ରିଜିଅନ୍ ଗୁଇଡ଼ାନ୍ ରୌମଜୀ(Guidan Roumji) ର ଜଣେ ମହିଳା କୁହନ୍ତି ଯେ ଆଜି ଲଜନାମାନଙ୍କ ନିମନ୍ତେ ହଜୁରଙ୍କର ଯେଉଁ ଭାଷଣ ଥିଲା,ତାହ ଶୁଣି ମତେ ମହିଳମାନଙ୍କର ଅଧିକାର ଏବଂ ମହିଳାମାନଙ୍କ ଦାୟିତ୍ୱବୋଧର ବାସ୍ତବିକ ଜ୍ଞାନ ମିଳିଲା । ପୁଣି ସେ କହୁଛନ୍ତି ଯେ ଯେବେ ଆପଣ ହଜରତ୍ ଅମ୍ମା ଜାନ୍ ର ଅ ଙ୍କ ବିଷୟରେ ବତାଇଲେ ଯେ ସେ କିପରି ନିଜ ପିଲାମାନଙ୍କର ଯତ୍ନ ନେଉଥିଲେ ଏବଂ ପିଲାମାନଙ୍କର ଆଦର୍ଶମୟୀ ତାଲିମ୍ ଏବଂ ପ୍ରଶିକ୍ଷଣ ଦେଉଥିଲେ, ସେତେବେଳେ ମୁଁ ଏ ପ୍ରତିଜ୍ଞା କଲି ଯେ ଆଜିଠାରୁ ମୁଁ ମଧ୍ୟ ନିଜ ପିଲାମାନଙ୍କର ତରବିୟତ୍ (ଉତମ ତାଲିମ୍ ଓ ପ୍ରଶିକ୍ଷଣ) ପ୍ରତି ବିଶେଷ ଭାବରେ ଧ୍ୟାନ ଦେବି ଯଦ୍ଦ୍ୱାରା ସେମାନେ ଧର୍ମର ଜଣେ ଜଣେ ଆଦର୍ଶ ସେବକ ହୋଇପାରିବେ ।

ହଜୁର୍ ଅନୱ୍ୱର୍ ଅ ବ କହିଲେ : ଦେଖ କିପରି ଅଲ୍ଲାଃତାଲା ପରିବର୍ତନ ସୃଷ୍ଟି କରୁଛନ୍ତି ।

ଏଡ଼ିଲେଡ଼ରେ ରହୁଥିବା ଆତିଫ୍ ଜାହିଦ୍ ସାହେବ୍ ମୁରବୀ ସିଲସିଲା ଲେଖିଛନ୍ତି ଯେ ଏଡ଼ିଲେଡ଼ର ସମୟ ଏବଂ ଲଣ୍ଡନ ସମୟ ମଧ୍ୟରେ ସାଢେ ଆଠ ଘଂଟାର ବ୍ୟବଧାନ । ଜଲସାର ସମସ୍ତ ପ୍ରୋଗ୍ରାମ୍ ବିଳମ୍ବିତ ରାତିରେ ପ୍ରସାରିତ ହେଉଥିଲା । ମୁଁ ଚିନ୍ତିତ ଥିଲି ଯେ କାଳେ ଲୋକମାନେ ଆସିବେ ନାହିଁ ଓ ଉପସ୍ଥାନ କମ୍ ରହିବ । କିନ୍ତୁ ଲୋକମାନେ ଅସାଧାରଣ ଆନ୍ତରିକତା ପ୍ରଦର୍ଶନ କରିଲେ । ଜୁମା (ଶୁକ୍ରବାର)ଦିନ ୱ୍ୱର୍କିଂ ଡ଼େ (Working day)ଥିବା ସତ୍ତ୍ୱେ ବି ଲୋକମାନେ ମସଜିଦ୍ ଆସିଲେ,ଭାଷଣ ଶୁଣିଲେ ଏବଂ ଅଲମୀ ବୟତ ସମୟରେ ବି ଲୋକମାନେ ଉପସ୍ଥିତ ଥିଲେ । ରାତି ତିନିଟା ପର୍ଯ୍ୟନ୍ତ ଉଜାଗର ହୋଇ ସେମାନେ ଉଦଯାପନୀ ଭାଷଣ ଶୁଣିଲେ । ଏପରି ଖିଲାଫତ୍ ପ୍ରତି ଥିବା ଭଲପାଇବା ଏବଂ ପ୍ରେମଭାବ ଅବଲୋକନ କରିବାର ଦୃଶ୍ୟ ଥିଲା । ସେଥିପାଇଁ ସେ ଏମ୍ ଟି ଏ ଚ୍ୟାନେଲକୁ ଧନ୍ୟବାଦ୍ ପ୍ରଦାନ କରିଛନ୍ତି

କାଜାଖସ୍ତାନ୍ର ଗୁଲିଆନ୍ ଆଇ ମାକିନା ସାହେବ୍ କୁହନ୍ତୁ : ଜଲସା ସାଲାନା ଅଲ୍ଲାଃଙ୍କ କୃପାରୁ ସଫଳତାର ସହିତ ସମାପ୍ତ ହେଲା । ଖଲିଫା ଏବଂ ଅନ୍ୟାନ୍ୟ ବକ୍ତାମାନଙ୍କ ଭାଷଣ ଅତ୍ୟନ୍ତ ଉପଯୋଗୀ ଏବଂ ଆକର୍ଷଣୀୟ ଥିଲା । ସେହି ଭାଷଣଗୁଡ଼ିକ ମୋ ହୃଦୟ ଉପରେ ଏକ ବିଶେଷ ପ୍ରଭାବ ପକାଇଛି । ମୁଁ ସେଥିରୁ ତବଲିଗ୍ କରିବାର ଶୈଳୀ ମଧ୍ୟ ଶିଖିଲି । ମୁଁ ନିଶ୍ଚିତ ଯେ ଏହି ଉପାୟରେ ଅନ୍ୟ ଶ୍ରୋତାମାନଙ୍କୁ ମଧ୍ୟ ନିଜ ନିଜ ପ୍ରଶ୍ନର ଉତର ମିଳିଯାଇଥିବ । ସେହିପରି ଅଲ୍ଲାଃତାଲା ମୋତେ ତଜଦିଦ୍ ବୟତ୍ (ଅର୍ଥାତ୍ ବୟତର ନବୀକରଣ) କରିବାକୁ ସୌଭାଗ୍ୟ ପ୍ରଦାନ କଲେ । ଅଲ୍ଲାଃତାଲା ଲୋକମାନଙ୍କର ହୃଦୟ ଏବଂ ଆଖିକୁ ଖୋଲିଦିଅନ୍ତୁ ଯଦ୍ଦ୍ୱାରା ସେମାନେ ଏହି ମାର୍ଗଦର୍ଶନକୁ ଗ୍ରହଣ କରିପାରିବେ ।

ୟମନରୁ ଶିମା କାସିମ୍ ସାହିବା କୁହନ୍ତି : ଆମେ ଜଲସାର କାର୍ଯ୍ୟକ୍ରମକୁ ଦେଖିଲୁଁ । ଏମିତି ଲାଗୁଥିଲା ଯେମିତି ଆମେ ବୈକୁଣ୍ଠରେ ଅଛୁ । ଇସଲାମର ସୂର୍ଯ୍ୟ ଆମ ପାଇଁ ପୂନର୍ବାର ଉଦୟ ହୋଇଛି ଏବଂ ଆମ ହୃଦୟ ଏବଂ ଆତ୍ମାକୁ ସତେଜ କରିଦେଇଛି । ଆମମାନଙ୍କ ମଧ୍ୟରେ ପ୍ରକୃତ ବିଶ୍ୱାସ ଏବଂ ପ୍ରକୃତ ପ୍ରେମ,ଏକତା ଏବଂ ନୈତିକତାର ଆତ୍ମା ଫୁଙ୍କି ଦିଆଯାଇଛି । ଆମେ ଆପଣଙ୍କଠାରୁ ଦୂରରେ ଥିଲୁ କିନ୍ତୁ ଆମର ହୃଦୟ ଓ ମନ ଆପଣଙ୍କ ସହିତ ଥିଲା । ଆମେ ଗୋଟିଏ ଘରେ ଉପସ୍ଥିତ ଥିଲୁଁ । କିନ୍ତୁ ଜଣେ ଅହେମଦୀଙ୍କ ବ୍ୟତୀତ ଅନ୍ୟ କେହି ଏହି ସମ୍ପର୍କକୁ ଅନୁଭବ କରିପାରିବ ନାହିଁ । ଆମ ଦେଶରେ ମଶଳଧାରା ବର୍ଷା ହେଉଥିବା ସତ୍ତ୍ୱେ ମଧ୍ୟ ଏହି ଜଲସାର ତିନି ଦିନ ପାଗ ବହୁତ ଭଲ ରହିଲା ଏବଂ ଅଲ୍ଲାଃଙ୍କ କୃପାରୁ ଆମେ ଜଲସାର ସବୁ କାର୍ଯ୍ୟକ୍ରମକୁ ଦେଖିଲୁ । ଆମ ଈଶ୍ୱର ଖିଲାଫତକୁ ଜାରି ରଖନ୍ତୁ । ତା ବିନା ନା ତ ଆମର କିଛି ଅସ୍ତିତ୍ୱ ଅଛି ଓ ନା ଆମର କୌଣସି ଉଦ୍ଦେଶ୍ୟ ।

ପୁଣି କବାବିରରୁ ଆଉ ଜଣେ ଆରବୀୟ ମହିଳା ଦୁଆ ସାହିବାଃ କୁହନ୍ତି : ମୁଁ ଆପଣଙ୍କ ଭାଷଣଗୁଡ଼ିକର ନୋଟ୍ସ ଲେଖିବା ପାଇଁ ଚେଷ୍ଟା କରୁଥିଲି । ଉଦଯାପନୀ ଭାଷଣରେ ଆପଣ ମହିଳାମନଙ୍କ ଅଧିକାର ପ୍ରତି ଯେପରି ଧ୍ୟାନ ଆକର୍ଷଣ କରାଇଛନ୍ତି, ମୁଁ ସେଥିପାଇଁ କୃତଜ୍ଞ । ମୁଁ ଏପରି ଗୋଟିଏ ଧର୍ମର ଅନୁଗାମୀ ଯାହା ମୋ ଅଧିକାର ଏବଂ ମୋ ଭାବନାକୁ ସୁରକ୍ଷା ଦେଇଥାଏ । ମୁଁ ଏହି ସମସ୍ତ କଥାକୁ ମୋର ଅଣ ମୁସଲିମ୍ ସହେଲି (ମହିଳା ସାଙ୍ଗମାନଙ୍କ) ନିକଟରେ ବର୍ଣ୍ଣନା କରିବା ବେଳେ ଗର୍ବ ଅନୁଭବ କରିଥାଏ ।

ପୁଣି ମହିଳାମାନଙ୍କ ଦୃଷ୍ଟି କୋଣରୁ ମଧ୍ୟ ଆପଣ ପୁରୁଷମାନଙ୍କ ପ୍ରତି ଥିବା ଅଧିକାର ବିଷୟରେ ମୁଁ ଜାଣିପାରିଲି ଯେ କ'ଣ ମୁଁ ମୋ ବାପା,ଭାଇ ଏବଂ ସ୍ୱାମୀଙ୍କ ପ୍ରତି ଥିବା କର୍ତବ୍ୟକୁ ସଠିକ ଭାବରେ ପାଳନ କରୁଛି କି ନାହିଁ ? ବୟତ୍ ସମୟରେ ମତେ ଅନୁଭବ ହେଲା ଯେ ଆମେ ବାସ୍ତବିକ ଯୁଗ ଖଲିଫାଙ୍କ ସହିତ ହିଁ ରହିଛୁ ଏବଂ ଆମ ମଧ୍ୟରେ ନା କୌଣସି ଦେଶ ଓ ନା କୌଣସି ସମୁଦ୍ର ଅଛି । ମୁଁ ଏତେ ମାତ୍ରାରେ ଖୁସି ଅନୁଭବ କରୁଥିଲି, ଯେମିତି ଅନୁଭବ କଲି ଯେ ମୋ ହୃଦୟ ଫାଟି ଯିବ କି ।

ଉର୍ଦ୍ଦୁନ୍ ଜଣେ ମହିଳା ଅମତୁଲ୍ ଶାଫି ସାହିବା ଲେଖିଛନ୍ତି ଯେ ମୁଁ ଜଲସା ସାଲାନାରେ ଆପଣଙ୍କ ଦ୍ୱାରା କରାଯାଇଥିବା ପ୍ରଥମ ଦିନର ଅଭିଭାଷଣକୁ ଶୁଣିଛି । ମୋ ଦାୟିତ୍ୱଗୁଡ଼ିକୁ ବିଝିବା ପରେ ମୋ ଦିହ ଥରି ଉଠିଲା । ଦ୍ୱିତୀୟ ଦିନର ପ୍ରୋଗ୍ରାମରେ ଆମେ ୱ୍ୱଗାନ୍ଦା ନାମୀ ବସ୍ତିର ଅହେମଦୀମାନଙ୍କର ହଜରତ୍ ମସିହ୍ ମଉଦ୍ ଆ ସ ଏବଂ ଯୁଗ ଖଲିଫାଙ୍କ ପ୍ରତି ଥିବା ପ୍ରେମଭାବକୁ ଦେଖିଲୁ । ଯଦିଓ ଏହି ବସ୍ତି ଅତ୍ୟନ୍ତ ପଛୁଆ ଏବଂ ସେମାନଙ୍କ ନିକଟରେ ଏପର୍ଯ୍ୟନ୍ତ ଜୀବନର ମୌଳିକ ଆବଶ୍ୟକତା ବି ଉପଲବ୍ଧ ନାହିଁ,ଏହା ସତ୍ତ୍ୱେ ବି ସେହି ବସ୍ତିର ଜଣେ ମୁଖିଆଙ୍କ କଥା ଶୁଣି ମୋ ଆଖିରୁ ଲୁହ ଝରି ପଡ଼ିଲା । ସେ କହୁଥିଲେ ଯେ ସେ ଅଲ୍ଲାଃ,ତାହାଙ୍କ ରସୁଲ୍ ସ ଆ ସ ଏବଂ ମସିହ୍ ମଉଦ୍ ଆ ସ ଙ୍କୁ ଭଲ ପାଉଛନ୍ତି । ଏହି ବାକ୍ୟଟି ବହୁତ ସରଳ ଲାଗୁଥିଲେ ବି ତାହା ମୋ ମନ ଓ ହୃଦୟରେ ଗଭୀର ପ୍ରଭାବ ପକାଇଛି ।

ପୁଣି ମିଶରର ମରଓ୍ୱା ଅବ୍ଦୁଲ୍ଲାଃ ସାହେବ୍ କୁହନ୍ତି : ଅମୀରୁଲ୍ ମୁମିନିନ୍ ! ଆପଣ ଆମ ହୃଦୟକୁ ଆପଣଙ୍କ ଭାଷଣ ଦ୍ୱାରା ଏବଂ ଅନ୍ୟାନ୍ୟ ବକ୍ତାମାନଙ୍କ ଭାଷଣ ଦ୍ୱାରା ଆଧ୍ୟାତ୍ମିକ ଧନ ଜରିଆରେ ସମୃଦ୍ଧ କରିଛନ୍ତି । ମୁଁ ଏହି ସମୟରେ ଆଧ୍ୟାତ୍ମିକତାର ଆକାଶରେ ଉଡ଼ିବାକୁ ଲାଗିଲି ଏବଂ ମୋ ପ୍ରଭୁଙ୍କୁ ଭେଟିବା ପାଇଁ ବ୍ୟଗ୍ର ଓ ଆକୁଳ ହେଲି । ମୋର ଏ ଅଭିଳାଷା ରହିଛି ଯେ ମୁଁ ସେହି ସନ୍ତୁଷ୍ଟିପ୍ରାପ୍ତ କରିଥିବା ଆତ୍ମାର ସ୍ତରକୁ ପହଂଚିଯାଏ ଯାହା ବିଷୟରେ ଆପଣ ଚର୍ଚ୍ଚା କଲେ । ମନ ଚାହୁଁଛି ଯେ ମୁଁ ଈଶ୍ୱରଙ୍କ ପ୍ରେମରେ ଏବଂ ତାହାଙ୍କ ସହିତ ସାକ୍ଷାତ କରିବାର ଉତ୍ସାହରେ ଏମିତି ହଜିଯାଏଁ କି ମୋ ଚାରିପାଖରେ କ'ଣ ହେଉଛି ମୁଁ କିଛି ନ ଜାଣିପାରେ । ମୋ ଶରୀର ତ ବାସ୍ତବରେ ଲୋକମାନଙ୍କ ସମ୍ମୁଖରେ ଉପସ୍ଥିତ ରହିଥିବ କିନ୍ତୁ ମୋ ଆତ୍ମା ଈଶ୍ୱର ଏବଂ ତାହାଙ୍କ ରସୁଲ ସ ଆ ସ ଙ୍କ ପ୍ରେମର ଆକାଶରେ ଉଡ଼ିବୁଲୁଥିବ ।

ଆରବମାନଙ୍କର ଗୋଟିଏ ସ୍ୱତନ୍ତ୍ର ଶୈଳୀ ରହିଛି । ସେମାନେ ଶବ୍ଦକୁ ବହୁତ ସୁନ୍ଦର ଭାବରେ ବ୍ୟବହାର କରିଥାନ୍ତି ଏବଂ ସେମାନଙ୍କୁ ଆନ୍ତରିକତା ଏବଂ ବିଶ୍ୱସ୍ତତା ପ୍ରକାଶ କରିବା ଆସେ । ଅଲ୍ଲାଃତାଲା ସେମାନଙ୍କ ଇମାନ୍ (ବିଶ୍ୱାସ) ଏବଂ ଆସ୍ଥାରେ ଉନ୍ନତି କରନ୍ତୁ

ପୁଣି ମାଲେସିଆ ଦେଶର ଜଣେ ନୌମୁବାଇନ୍ ବନ୍ଧୁ ନଜଲାନ୍ ଅଜଗାନ୍ (Nazlan Azgan) ସାହେବ୍ ଅଛନ୍ତି । ସେ ଜଣେ ବହୁତ ସରଳ ମଣିଷ । ସେ ବହତୁ ସରଳ ଜୀବନଯାପନ କରନ୍ତି ଏବଂ ତାଙ୍କର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନୁହେଁ । ତାଙ୍କ ନିକଟରେ ଇଂଟରନେଟରେ ଜଲସା ଦେଖିବା ପାଇଁ କିଛି ବି ଅର୍ଥ ନଥିଲା । ସେ ନିଜ ଘର ସାମନାରେ ଥିବା ଗୋଟିଏ ଆମ୍ବ ଗଛରୁ ଆମ୍ବ ପାରିଲେ ଏବଂ ତାକୁ ବିକ୍ରି କଲେ । ପୁଣି ତାହା ବିକ୍ରି କରି ଯାହା ଅର୍ଥ ମିଳିଲା,ସେଥିରେ ଇଂଟରନେଟ୍ ଡେଟା (Data) କିଣିଲେ ଏବଂ ପୁଣି ତା ସାହାଯ୍ୟରେ ଜଲସାର ପ୍ରୋଗ୍ରାମ ଶୁଣିଲେ ।

ଗିନି ବସାଉ ଦେଶର ଜଣେ ଗୈର ଅହେମଦୀ ବନ୍ଧୁ ଆସିନି ବାଲଲ୍ଡେ ସାହେବ୍ ଜଲସାର କାର୍ଯ୍ୟକ୍ରମ ଶୁଣିଲେ । ସେ କୁହନ୍ତି : ଆଜି ପର୍ଯ୍ୟନ୍ତ ମୁଁ କେବେ ବି ଏପରି ପ୍ରୋଗ୍ରାମ୍ ଦେଖି ନାହିଁ,ଯେଉଁଥିରେ ଲୋକମାନେ ନିଜ ଲିଡ଼ର୍କୁ ଏତେ ପ୍ରେମ ଏବଂ ଆଦର ସମ୍ମାନ ଦେଇ ଶୁଣୁଥିବେ ।

ସେହିପରି ଆଲମୀ ବୟତ୍ (ଆନ୍ତର୍ଯାତୀୟ ବୟତ ଉତ୍ସବ)ର ଦୃଶ୍ୟ ବହୁତ ସୁନ୍ଦର ଥିଲା । ସେ କେବଳ ଆଲମୀ ବୟତର ଦୃଶ୍ୟ ଦେଖିଥିଲେ,ସେଥିରେ ପୁରା ଜମାଅତ୍ ଗୋଟିଏ ହାତରେ ଏକତ୍ରିତ ହୋଇଥିଲା । ପୁଣି ସେ କୁହନ୍ତି : ମତେ ଏହି ଦୃଶ୍ୟ ଦେଖି ବିଶ୍ୱାସ ହୋଇଗଲା ଯେ ଅହେମଦୀୟା ଜମାଅତ୍ ନିଜ ଖଲିଫାଙ୍କର ସମ୍ପୂର୍ଣ୍ଣ ଭାବରେ ଆଜ୍ଞା ପାଳନ କରନ୍ତି । ଏହା ହିଁ ସେମାନଙ୍କ ପ୍ରଗତିର ରହସ୍ୟ । ବାସ୍ତବରେ ଅହେମଦୀୟା ଜମାଅତ୍ ହେଉଛି ଏକ ସତ୍ୟ ଜମାଅତ୍ (ଆଧ୍ୟାତ୍ମିକ ସମ୍ପ୍ରଦାୟ) ଏବଂ ଆପଣମାନେ ସଠିକ୍ ମାର୍ଗରେ ଅଛନ୍ତି ।

ମେକ୍ସିକୋରୁ ସୁରୟା ଗୋମେଜ୍ ସାହିବା କୁହନ୍ତି : ଜଲସା ସାଲାନା ୟୁ କେ ର ଭାଷଣ ଶୁଣିବାର ସୁଯୋଗ ମିଳିଲା । ଉଦଯାପନୀ ଭାଷଣ ସବୁଠାରୁ ଆକର୍ଷଣୀୟ ଥିଲା,ଯେଉଁଥିରେ ମହିଳାମାନଙ୍କ ଅଧିକାର ବିଷୟରେ ଚର୍ଚ୍ଚା କରାଯାଇଥିଲା ଏବଂ କିପରି ଘରର ମାହୋଲ୍ (ପରିବେଶ) କିପରି ଉନ୍ନତ କରାଯାଇପାରିବ । ଏହା ଏପରି ଇସଲାମୀୟ ଶିକ୍ଷା ଯାହା ଉପରେ ମୁଁ ନିଜେ ନିଜ ଜୀବନ ରେ ଅନୁସରଣ କରିବାକୁ ଚେଷ୍ଟା କରିବି । ଏତଦ୍ ବ୍ୟତୀତ ବୟତ କରାଯାଉଥିବା ସମୟରେ ମୁଁ ବହୁତ ଭାବ ବିହୋଳ ହୋଇଯାଇଥିଲି । ଏପରି ଏକ ଅବସ୍ଥା ଥିଲା,ଯାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ । କିନ୍ତୁ ମୁଁ ବହୁତ ଖୁସି ଏବଂ ଶାନ୍ତି ଅନୁଭବ କରୁଥିଲି ।

ଗିନି ବସଉ ଦେଶର ଜଣେ ନୌମୁବାଇନ୍ ମହିଳା ଅଛନ୍ତି । ସେ ନିଜର ଜଣେ ଅଣ ଜମାତୀୟ ମହିଳା ବନ୍ଧୁ ଜୈବୁନ୍ ନିସାଙ୍କୁ ଜଲସା ନିମନ୍ତେ ଆମନ୍ତ୍ରଣ କରି ସାଥିରେ ଧରି ଆସିଲେ । ସେ କୁହନ୍ତି : ସେ ଏହି ତିନି ଦିନ ବ୍ୟାପି ଜଲସାର ସବୁ ପ୍ରୋଗ୍ରାମରେ ସାମିଲ ହେଲେ । ବିଶେଷ ଭାବରେ ଆପଣଙ୍କର (ଅର୍ଥାତ ହଜୁରଙ୍କର) ସମସ୍ତ ଭାଷଣ ଶୁଣିଲେ । ଏବଂ ଶେଷ ଦିନ ମସଜିଦରେ ସେହି ମହିଳା ଜଣକ (ଯିଏ ଅହେମଦୀ ନଥିଲେ) ଘୋଷଣା କରି କହିଲେ ଯେ ଜମାଅତ୍ ଅହେମଦୀୟା ବିଷୟରେ ମୋର ଅନେକ ଆପତି ଅଭିଯୋଗ ଥିଲା,କିନ୍ତୁ ଆପଣଙ୍କ ଖଲିଫାଙ୍କ ବକ୍ତବ୍ୟ ଶୁଣିବା ପରେ ମୋର ସବୁ ଆପତି ଅଭିଯୋଗ ଏବଂ ସନ୍ଦେହ ଦୂର ହୋଇଗଲା । ଏବେ ମୁଁ ଜମାଅତ୍ ଅହେମଦୀୟାରେ ସାମିଲ୍ ହେବାର ଘୋଷଣା କରୁଛି ଏବଂ ମୁଁ ମୋ ପୁଅକୁ ମଧ୍ୟ ଜମାଅତ୍ ଅହେମଦୀୟା ପାଇଁ ୱକଫ୍ (ଉତ୍ସର୍ଗ) କରୁଅଛି

ଗିନି ବସାଉ ଦେଶର ଗୋଟିଏ ଗାଁର ଜଣେ ମହିଳା କାମ୍ବା କେଟା ସାହିବା ୟୁ କେ ଜଲସା ସାଲାନାରେ ସାମିଲ ହୋଇଥିଲେ । ସେ ଯେବେ ଆଲମୀ ବୟତ ସମ୍ବନ୍ଧରେ ଶୁଣିଲେ,ମୁଅଲ୍ଲିମ୍ ସାହେବଙ୍କଠାରୁ ସବିଶେଷ ତଥ୍ୟ ପଚାରି ବୁଝିଲେ । ମୁଅଲ୍ଲିମ୍ ସାହେବ୍ ଦଶ ସର୍ତ୍ତାବଳି ବୟତ ବିଷୟରେ ବତାଇଲେ । ସୁତରାଂ ସେହି ମହିଳା ଜଣକ ବୟତର ସେହି ସମାରୋହରେ ଯୋଗଦେଇଥିଲେ । ବୟତର ସମସ୍ତ ବାକ୍ୟର ପୁନରାବୃତି କଲେ ଏବଂ ଉଦଯାପନୀ ଭାଷଣ ମଧ୍ୟ ଶୁଣିଲେ । ଶେଷରେ କହିଲେ ଯେ ମୁଁ ଅହେମଦୀୟତକୁ ସେହି ସମୟରେ ଗ୍ରହଣ କରିନେଇଥିଲି ଯେବେ ଆଲମୀ ବୟତ୍ ଅନୁଷ୍ଠିତ ହେଲା । କିନ୍ତୁ ଏବେ ଏହି ଭାଷଣ ପରେ ମୁଁ ଏ ଘୋଷଣା କରିବାକୁ ଚାହୁଁଛି ଯେ ବର୍ତମାନ ମୁସଲିମ୍ ଉମ୍ମତ୍ (ସମ୍ପ୍ରଦାୟ)କୁ ଯଦି କେହି ବଂଚାଇପାରେ, ତାହା ହେଉଛି ଖିଲାଫତ୍ ଅହେମଦୀୟା । ଏବଂ ଆଜି ମୁଁ ଅହେମଦୀୟତରେ ସାମିଲ୍ ହେବାର ଘୋଷଣା କରୁଛି ଏବଂ ନିଜ ପିଲାମାନଙ୍କୁ ମଧ୍ୟ ଅହେମଦୀୟତରେ ସାମିଲ୍ ହେବା ପାଇଁ ପରାମର୍ଶ ଦେବି । କାରଣ ଅହେମଦୀୟତ୍ ହିଁ ପ୍ରକୃତ ଇସଲାମ୍ ।

ପୁଣି କଙ୍ଗୋ ବ୍ରାଜାୱିଲ୍ ଦେଶର ବିଭିନ୍ନ ଜମାଅତର ମିଶନାରି ମାନେ ଲେଖିଛନ୍ତି ଯେ ଜମାତି ସ୍ତରରେ ଜଲସାର ସମସ୍ତ ପ୍ରସାରଣକୁ ଏମ୍ ଟି ଏ ଆଫ୍ରିକା ଚ୍ୟାନେଲ୍ ଜରିଆରେ ଦେଖିବା ପାଇଁ ସୌଭାଗ୍ୟ ମିଳିଲା । ସେଥିରେ ଯେଉଁ ଭାଷଣଗୁଡ଼ିକ ପ୍ରସାରିତ ହେଲା,ତାହା ଦ୍ୱାରା ଲୋକମାନେ ବହୁତ ପ୍ରଭାବିତ ହୋଇଛନ୍ତି । ଅଲ୍ଲାଃଙ୍କ କୃପାରୁ ସେହି ଭାଷଣଗୁଡ଼ିକୁ ଶୁଣିବା ଯୋଗୁଁ ,ଜଲସାର ପ୍ରୋଗ୍ରାମଗୁଡ଼ିକୁ ଶୁଣିବା ହେତୁ ୨୩ ଜଣ ଲୋକଙ୍କୁ ସେହି ଦିନ ଗୁଡ଼ିକରେ ବୟତ କରିବାର ସୌଭାଗ୍ୟ ମିଳିଲା ।

କଙ୍ଗୋ ବ୍ରାଜାୱିଲ୍ ଦେଶରୁ ମିଷ୍ଟର୍ ମବୁରା ବିନ୍ ଜେଲି (Mboura Ben Jeli) ସାହେବ୍ ,ଯାହାଙ୍କର ସମ୍ବନ୍ଧ ଖ୍ରୀଷ୍ଟଧର୍ମ ସହିତ ରହିଛି,ତାଙ୍କୁ ଏହି ଜଲସାରେ ଆମନ୍ତ୍ରଣ କରାଯାଇଥିଲା । ସେ ଦୁଇ ଦିନ ଏହି ଜଲସାକୁ ଶୁଣିଲେ । ସେ କୁହନ୍ତି : ମୁଁ ଏଠାରେ ଦୁଇଦିନ ହେବ ହୁକୁକୁଲ୍ଲାଃ,ହୁକୁକୁଲ୍ ଇବାଦ୍ ,ତକୱା ଏବଂ ଇସ୍ତେଗଫାର୍ ବିଷୟରେ କଥନ ଶୁଣୁଅଛି । ତାହା ସବୁ ମୋ ମନ ଭିତରେ ଘର କରିସାରିଛି । ମୁଁ ନିଜ ମଧ୍ୟରେ ଏକ ପରିବର୍ତନ ପରିଲକ୍ଷିତ କରୁଅଛି । ଯେବେ କି ଚର୍ଚ୍ଚରେ କେବଳ ଜାଦୁ ଟୋନା ଅଥବା ପ୍ରେତାତ୍ମା ବାହାର କରିବା ଇତ୍ୟାଦି କାର୍ଯ୍ୟ ବ୍ୟତୀତ ଆଉ କିଛି ବି ବତାଯାଉ ନାହିଁ । ମୁଁ ସ୍ଥିର କରିସାରିଛି ଯେ ମୁଁ ଆପଣଙ୍କ ଜମାଅତରେ ସାମିଲ୍ ହେବି । କାରଣ ଏଠାରେ ମତେ ଆଧ୍ୟାତ୍ମିକ ଶାନ୍ତି ମିଳିଛି । ଅତେବ୍ ସେ ବୟତ କରି ଜମାଅତରେ ସାମିଲ୍ ହୋଇଗଲେ

ବୁର୍କୀନାଫାସୋର ଜଣେ ନୌମୁବାଇନ୍ ବନ୍ଧୁ ନିସେ ବେସା(Gnisse Bessa) ସାହେବ୍ କୁହନ୍ତି : ଖଲିଫତୁଲ୍ ମସିହ୍ ଙ୍କୁ ସିଧା ସମ୍ମୁଖରେ ଦେଖିବାର ଏହା ମୋର ପ୍ରଥମ ଅନୁଭବ ଥିଲା । ମୁଁ ଇସଲାମକୁ ନୂଆ ଗ୍ରହଣ କରିଛି । ମୋ ମନରେ ସର୍ବଦା ଏହି ପ୍ରଶ୍ନ ଆସୁଥିଲା ଯେ ଏ ଦୁନିଆ/ବିଶ୍ୱ ନିଶ୍ଚିତ ରୂପେ ଜଣେ ଲିଡ଼ର୍ (ଅର୍ଥାତ୍ ଆଧ୍ୟାତ୍ମିକ ନେତା)ଙ୍କ ହାତରେ ଏକତ୍ରିତ ହେବା ଆବଶ୍ୟକ । ଏବେ ଏଠାରେ ଜମାଅତ୍ ଅହେମଦୀୟାର ଲୋକମାନଙ୍କୁ ଦେଖିଲି ଯେ ସେମାନଙ୍କ ନିକଟରେ ଏକତା ପରିଲକ୍ଷିତ ହେଉଅଛି । ତେଣୁ ମୁଁ ସେମାନଙ୍କ ସାଥିରେ ଅହେମଦୀୟା ମସଜିଦରେ ନମାଜ ପାଠ କରିବା ଆରମ୍ଭ କରିଦେଲି । ଆଜି ମୁଁ ଜଲସା ସାଲାନା ୟୁ କେ ଏବଂ ଆଲମୀ ବୟତ (ବିଶ୍ୱ ସ୍ତରୀୟ ବୟତ ସମାରୋହ) ରେ ସାମିଲ୍ ହେଲି । ସେଥିରେ ସବୁ ଅହେମଦୀମାନେ ଏମ୍ ଟି ଏ ଜରିଆରେ ସାମିଲ୍ ହୋଇଥିଲେ । ଯେବେ ମୁଁଏହାସବୁ ନିଜ ଆଖିରେ ଦେଖିନେଲି ,ମୁଁ ସନ୍ତୁଷ୍ଟ ହେଲି ଏବଂ ଯେଉଁ କଥା ମୁଁ ସବୁବେଳେ ଭାବୁଥିଲି ଯେ ସମସ୍ତେ ଗୋଟିଏ ହାତରେ ଏକତ୍ରିତ ହୁଅନ୍ତୁ । ତାହା ବି ମୁଁ ନିଜ ଆଖିରେ ଦେଖିନେଲି ଏବଂ ମୋର ସବୁ ପ୍ରଶ୍ନର ଉତର ମିଳିଗଲା । ତେଣୁ ଆଜିଠାରୁ ମୁଁ ଅହେମଦୀୟାତକୁ ଗ୍ରହଣ କରିବାର ଘୋଷଣା କରୁଅଛି ଏବଂ ମୁଁ ନିଜ ପରିବାରବର୍ଗକୁ ମଧ୍ୟ ଖିଲାଫତର ଆଜ୍ଞାପାଳନ କରିବା ପାଇଁ ଓ ଖିଲାଫତର ଅନୁସରଣ କରିବା ପାଇଁ କହିବି ।

ଶ୍ରି ଲଙ୍କାର ସଦର୍ ଜମାଅତ୍ ଅହେମଦିୟତ୍ ଗ୍ରହଣ କରିବା ପ୍ରସଙ୍ଗରେ ଲେଖିଛନ୍ତି ଯେ ସ୍ଥାନୀୟ ଜମାଅତଗୁଡ଼ିକରେ ସାମୂହିକ ଭାବେ ଜଲସା ସାଲାନା ଶୁଣିବାର ବ୍ୟବସ୍ଥା କରାଯାଇଥିଲା । କଲମ୍ବୋଠାରେ ଥିବା ଜମାତି ସେଂଟର୍ ରେ ଦେଶର ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାତାୟତ ଏବଂ ପରିବହନର ଭିଷଣ ଅସୁବିଧା ଥିବା ସତ୍ୱେ ମଧ୍ୟ ପଂଚାଅଶୀ ଜଣ ଅହେମଦୀ ଏବଂ ଅଣ ଅହେମଦୀ ସଦସ୍ୟ ଜଲସା ତଥା ଆଲମୀ ବୟତରେ ସାମିଲ୍ ହୋଇଥିଲେ । ଏହି ଅବସରରେ ଦୁଇ ଜଣ ସଦସ୍ୟ ବୟତ କରି ଜମାଅତରେ ସାମିଲ ହେଲେ । ସେହିପରି ଲାଇଭ୍ ଷ୍ଟ୍ରିମିଂ ଜରିଆରେ ନୋଗୋମ୍ବୋ, ପସାୟାଲା ଏବଂ ପୋଲୋନାରୁୱା ରେ ଜମାଅତର ସଦସ୍ୟମାନେ ସାମୂହିକ ଭାବରେ ଜଲସାରେ ଯୋଗ ଦେଇଥିଲେ । ସମସ୍ତ ପ୍ରୋଗ୍ରାମକୁ ତାମିଲ୍ ଭାଷାରେ ଅନୁବାଦ କରାଯାଇଥିଲା । ସେହି ପ୍ରୋଗ୍ରାମଗୁଡ଼ିକୁ ଦେଖି ଚାରି ଜଣ ସଦସ୍ୟଙ୍କୁ ଅହେମଦୀୟତ୍ ଗ୍ରହଣ କରିବା ପାଇଁ ସୌଭାଗ୍ୟ ମିଳିଲା ।

ଆଲବାନିୟା ଦେଶରୁ ରିପୋର୍ଟ ହସ୍ତଗତ ହୋଇଛି ଯେ ସେଠାରେ ଲାଇଭ୍ ଅନୁବାଦ ୟୁ ଟ୍ୟୁବରେ ପ୍ରସାରଣ ହେଉଥିଲା , ଯାହା ଆଲବାନିୟା,କୋସୋଭୋ,ମେସିଡ଼ୋନିଆ ଏବଂ ଜର୍ମାନୀ ଇତ୍ୟାଦି ଦେଶରେ ରହୁଥିବା ଲୋକେ ଶୁଣୁଥିଲେ । ଜଣେ ଜେରେ ତବଲିଗ୍ ଆଲବାନିୟାନ୍ ମୁସଲମାନ୍ ବନ୍ଧୁ ଆଲବର୍ଟ ସାହେବ୍ ପ୍ରଥମ ଥର ଏହି ଜଲସା ସାଲାନା ୟୁ କେ ର ଉଦଯାପନୀ ଅଧିବେଶନରେ ଯୋଗ ଦେଇଥିଲେ । ଜଲସା ସମାପ୍ତ ହେବା ପରେ ସେ କହିଲେ ଯେ ଖଲିଫତୁଲ୍ ମସିହ୍ଙ୍କ ଭାଷଣ ପବିତ୍ର କୁରଆନର ଆୟତ ଏବଂ ଆଁହଜରତ୍ ସ ଆ ସ ଙ୍କ ଜୀବନଚରିତ ଏବଂ ଯୁକ୍ତିଯୁକ୍ତ ପ୍ରମାଣ ଦ୍ୱାରା ପରିପୂର୍ଣ୍ଣ ଥିଲା । କିନ୍ତୁ ତାହା ଅତ୍ୟନ୍ତ ସରଳ ଭାଷାରେ ଥିଲା । ଯେଉଁ ଲୋକମାନେ ମହିଳମାନଙ୍କ ଅଧିକାର ସମ୍ବନ୍ଧରେ ଆପତି ଅଭିଯୋଗ କରୁଛନ୍ତି, ସେମାନଙ୍କ ସମସ୍ତ ପ୍ରଶ୍ନର ଉତର ମଧ୍ୟ ଆଜି ସେ ନିଜ ଭାଷଣରେ ବ୍ୟକ୍ତ କରିଦେଲେ । ସେଠାରୁ ଫେରିଯିବାର ଅଳ୍ପ ସମୟ ପରେ ପୁନର୍ବାର ତାଙ୍କର ଫୋନ୍ ଆସିଲା ଏବଂ ଜମାଅତ୍ ଅହେମଦୀୟା ଓ ଜଲସା ସାଲାନା ବିଷୟରେ ନିଜର ଭାବନାକୁ ବ୍ୟକ୍ତ କରିଲେ । ପୁଣି କହିଲେ ଯେ ଜମାଅତ୍ ଅହେମଦୀୟା ହିଁ ପ୍ରକୃତ ଇସଲାମ୍ ଅଟେ । ଯେବେ ଦଶ ଶରାୟତେ ବୟତ୍ (ବୟତର ଦଶଟି ସର୍ତାବଳୀ) ବିଷୟରେ ଚର୍ଚ୍ଚା କରାଗଲା,ସେ ଜମାଅତର ଗୋଟିଏ ଆଲବାନିଆନ୍ ପୁସ୍ତକ ବିଷୟରେ ସୂଚନା ଦେଇ କହିଲେ ଯେ ସେଥିରେ ଦଶ ଶରାୟତେ ବୟତ୍ (ବୟତର ଦଶଟି ସର୍ତାବଳୀ)ବିଷୟ ଦରଜ ହୋଇଛି । ମୁଁ ତାହା ପଢ଼ି ସାରିଛି । ଏବେ ମୁଁ ବୟତ କରିବାକୁ ପ୍ରସ୍ତୁତ ଅଛି । ଅତେବ୍ ସେ ଜମାଅତରେ ସାମିଲ୍ ହୋଇଗଲେ ।

କଙ୍ଗୋ ବ୍ରାଜାୱିଲ୍ ର ମୁଅଲ୍ଲିମ୍ ସାହେବ୍ ଲେଖିଛନ୍ତି ଯେ ଜଣେ ମହିଳା ବିୟୋକୋ ଷ୍ଟେଭି (Biyoko Stevie)ସାହିବାଙ୍କ ସ୍ୱାମୀ ପୂର୍ବରୁ ଅହେମଦୀୟତ୍ ଗ୍ରହଣ କରିସାରିଥିଲେ ଏବଂତାଙ୍କର ଆନ୍ତରିକ ଇଚ୍ଛା ଥିଲା ଯେ ତାଙ୍କ ପତ୍ନୀ ବି ଇସଲାମ୍ ଗ୍ରହଣ କରିନିଅନ୍ତୁ । ସେ ତବଲିଗ୍ ମଧ୍ୟ କରୁଥିଲେ କିନ୍ତୁ ପତ୍ନୀ ଚର୍ଚ୍ଚକୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ । ତାଙ୍କ ପତ୍ନୀଙ୍କୁ ଜଲସା ଦେଖିବା ପାଇଁ ଆମନ୍ତ୍ରଣ କରାଗଲା । ସେ

ତିନି ଦିନଯାକ ଜଲସାର କାର୍ଯ୍ୟକ୍ରମଗୁଡ଼ିକୁ ଦେଖିଲେ ଏବଂ ଜଲସାର ଶେଷ ଦିନ ସେହି ମହିଳା ଜଣକ କହିଲେ ଯେ ମୁଁ ତିନି ଦିନ ହେବ ଆମ ପାଦ୍ରୀ ଏବଂ ଆପଣଙ୍କ ଖଲିଫାଙ୍କ କଥନକୁ ତୁଳନା କରୁଥିଲି । ମୁଁ ଏହି ନିଷ୍କର୍ଷରେ ଉପନୀତ ହେଲି ଯେ ଖଲିଫାଙ୍କ କଥନରେ ବହୁତ ଓଜନ ରହିଛି ଏବଂ ତାଙ୍କର ପ୍ରତ୍ୟେକ କଥା ମନକୁ ଛୁଉଁଥିଲା । ଯଦିଓ ଆମେ ପ୍ରତିଦିନ ପାଦ୍ରୀଙ୍କ କଥନ ଶୁଣୁଛୁ କିନ୍ତୁ କେବେ ବି ଏପରି ଅନୁଭବ ହୋଇନାହିଁ ଯେ ତାଙ୍କ କଥନ ଆମ ହୃଦୟକୁ କେବେ ଛୁଇଁଥିବ । ଅତେବ୍ ସେ ବୟତ କରି ଜମାଅତରେ ସାମିଲ୍ ହୋଇଗଲେ

ଏହା ଥିଲା ଲୋକମାନଙ୍କର କିଛି ଘଟଣାବଳୀ ଯାହା ମୁଁ କହିସାରିଛି । ଜଲସା ସମୟରେ ଯେମିତି କି ଆପଣମାନେ ଜଲସାର କାର୍ଯ୍ୟକ୍ରମଗୁଡ଼ିକ ଚାଲିଥିବା ବେଳେ ଦେଖିଲେ ଯେ ବିଶିଷ୍ଟ ଲୋକମାନଙ୍କ ତରଫରୁ ଅନେକ ବାର୍ତ୍ତା ମିଳିଥିଲା । ସାରା ଦୁନିଆରୁ ବିଭିନ୍ନ ରାଜନେତା ଏବଂ ଲିଡ଼ରମାନଙ୍କ ତରଫରୁ ୧୨୬ ଗୋଟି ବାର୍ତ୍ତା ପ୍ରାପ୍ତ ହୋଇଥିଲା । ସେଥିମଧ୍ୟରୁ ୧୦୧ ଗୋଟି ଭିଡ଼ିଓ ଥିଲା ଏବଂ ୨୫ ଟି ଲିଖିତ ବାର୍ତ୍ତା ଥିଲା । ମନ୍ତ୍ରୀ ଏବଂ ସାଂସଦମାନଙ୍କର ବାର୍ତ୍ତା ଥିଲା । ୟୁ କେ ବ୍ୟତୀତ ଅନ୍ୟ ଦେଶମାନଙ୍କରୁ ଯେଉଁ ଲୋକମାନେ ବାର୍ତ୍ତା ପ୍ରେରଣ କରିଛନ୍ତି, ସେମାନଙ୍କ ମଧ୍ୟରେ ଆମେରିକା, କାନାଡ଼ା, ସିଏରାଲିଓନ୍,ଘାନା,ଲାଇବେରିଆ,ନ୍ୟୁଜିଲାଣ୍ଡ,ସ୍ପେନ୍ ଏବଂ ହଲାଣ୍ଡ ଅନ୍ତର୍ଭୁକ୍ତ ଅଛନ୍ତି । ଲାଇଭ୍ ଷ୍ଟ୍ରିମିଂର ଯେଉଁ ବ୍ୟବସ୍ଥା କରାଯାଇଥିଲା,ତା ଜରିଆରେ ୫୩ ଟି ଦେଶର ଲୋକେ ୟୁ କେ ଜଲସାରେ ସାମିଲ୍ ହୋଇଥିଲେ । ୟୁରୋପର ,ଆଫ୍ରିକାର ଏବଂ ଏସିଆର ଲୋକମାନେ ମଧ୍ୟ ସାମିଲ ଥିଲେ । ସେହି ୫୩ ଟି ଦେଶର ଅଶୀଟି ସ୍ଥାନରୁ ଲୋକମାନେ ଏଥିରେ ସାମିଲ୍ ଥିଲେ । ପ୍ରେସ୍ ଏବଂ ମିଡ଼ିଆ କଭରେଜ୍ ବିଷୟରେ ଯେଉଁ ରିପୋର୍ଟ ମିଳିଛି,ତାହା ଏପରି କି, ଏବର୍ଷ କୋଭିଡ଼୍ କାରଣରୁ ସାଧାରଣତଃ ବାହାରୁ କାହାକୁ ଆମନ୍ତ୍ରିତ କରାଯାଇ ନଥିଲା । କିନ୍ତୁ ଦୁଇଟି ମିଡ଼ିଆ ଆଉଟଲେଟ୍ସ ବିଶେଷ ଭାବରେ ଆସିବା ପାଇଁ ଦରଖାସ୍ତ କରିଥିଲେ । ଅତେବ୍ ତାଙ୍କୁ ଅନୁମତି ଦିଆଗଲା । ପ୍ରେସ୍ ସେକସନ୍‌ର ଚିନ୍ତାଧାରା ଏହା ଥିଲା ଯେ ଏଥର ବଡ଼ ଚ୍ୟାଲେଂଜ୍ ରହିଛି କି ଆମେ ଜଲସା ସାଲାନା ସମ୍ବନ୍ଧରେ ଏ ବିଶ୍ୱକୁ କିପରି ଜଣାଇବୁ ? କିନ୍ତୁ ଅଲ୍ଲାଃତାଲା ଏପରି ବ୍ୟବସ୍ଥା କରିଦେଲେ ଯେ ସେ ନିଜେ ହିଁ କଭରେଜ୍ ସାମଗ୍ରୀ ସୃଷ୍ଟି କରିଦେଲେ । ଦୁଇଟି ମିଡ଼ିଆ ଗୋଟିଏ ହେଉଛି ବି ବି ସି ଏବଂ ଆଉ ଗୋଟିଏ ମିଡ଼ିଆ ମଧ୍ୟ ଆସିଥିଲେ । ଏତଦ୍ ବ୍ୟତୀତ ବି ବି ସି , ଆଇ ଟି ଭି , ମେଟ୍ରୋ ,ଏଲ୍ ବି ସି , ବି ବି ସି ରେଡ଼ିଓ ସୁରେ ,ବି ବି ସି ସାଉଥ୍ ଟୁଡ଼େ ଏବଂ ବି ବି ସି ନ୍ୟୁଜ୍ ୱେବ୍ ସାଇଡ୍ ଇତ୍ୟାଦି ମିଡ଼ିଆ ବ୍ୟାପକ କଭରେଜ୍ ଦେଇଛନ୍ତି । ସେହି କଭରେଜ୍‌କୁ ପୁଣି ଅନ୍ୟ ଗଣମାଧ୍ୟମଗୁଡ଼ିକ ମଧ୍ୟ ସମାନ ପ୍ରସାରଣ କଲେ । ଏହିପରି ଆଂଚଳିକ ସ୍ତରରେ ମଧ୍ୟ ଆଠଟି ମିଡ଼ିଆ ଆଉଟଲେଟ୍ସ ଏହି ଜଲସାକୁ କଭରେଜ୍ କରିଥିଲେ । ଏତଦ୍ ବ୍ୟତୀତ ଅଢେଇଶଟି ୱେବସାଇଟ୍ସ୍ ଜଲସା ବିଷୟରେ ଖବର ବା ଆର୍ଟିକଲ୍ ପ୍ରକାଶ କରିଥିଲେ । ଏହି ୱେବସାଇଟ୍‌ଗୁଡ଼ିକ କୋଡ଼ିଏ ମିଲିୟନରୁ ଅଧିକ ଲୋକମାନଙ୍କ ନିକଟରେ ପହଂଚ ଥିଲା । ପ୍ରିଂଟ୍ ମିଡ଼ିଆକୁ ଦେଖାଯାଏ ତ ଖବରକାଗଜ ଗୁଡ଼ିକରେ ଜଲସା ସାଲାନା ସମ୍ବନ୍ଧୀୟ ଚଉଦଟି ଲେଖା ପ୍ରକାଶିତ ହୋଇଥିଲା । ଏହି ଖବରକାଗଜ ଗୁଡ଼ିକର ପାଠକଙ୍କ ସଂଖ୍ୟା ୧.୨ ମିଲିୟନ୍ । ବିଭିନ୍ନ ଟି ଭି ଚ୍ୟାନେଲ୍‌ରେ ବତିଶିଟି ପ୍ରୋଗ୍ରାମରେ ଜଲସା ସାଲାନାକୁ କଭରେଜ୍ ଦିଆଗଲା । ଏହି ଟି ଭି ଚ୍ୟାନେଲ୍ ଗୁଡ଼ିକର ଦର୍ଶକଙ୍କ ସଂଖ୍ୟା ୧୨ ମିଲିୟନରୁ ଅଧିକା । ରେଡ଼ିଓ ଷ୍ଟେସନ୍‌ରେ ୩୩ ଟି ପ୍ରୋଗ୍ରାମରେ ଜଲସା ସାଲାନା ୟୁ କେ ବିଷୟରେ ଚର୍ଚ୍ଚା କରାଯାଇଥିଲା । ସେହି ରେଡ଼ିଓ ଷ୍ଟେସନ ଗୁଡ଼ିକୁର ଶ୍ରୋତାମାନଙ୍କ ସଂଖ୍ୟା ୦୧ ମିଲିୟନ୍ ରୁ ଅଧିକା । ସୋସିଆଲ୍ ମିଡ଼ିଆର କିଛି ଗଣମାଧ୍ୟମ,ସାମ୍ବାଦିକ ଏବଂ ଜନପ୍ରତିନିଧି ଏହି ଜଲସା ବିଷୟରେ ବାର୍ତ୍ତା ଦେଇଥିଲେ । ତାହାର ପହଂଚ ୧୨ ମିଲିୟନ୍‌ରୁ ଅଧିକା ଲୋକଙ୍କ ନିକଟରେ ଥିଲା । ପ୍ରେସ୍ ଏଣ୍ଡ ମିଡ଼ିଆ ଟିମ୍ ଭିଡ଼ିଓ ତିଆରି କରି ସୋସିଆଲ୍ ମିଡ଼ିଆରେ ପୋଷ୍ଟ କରିଛନ୍ତି । ତାହା ୨୩୪୦୦୦ରୁ ଅଧିକା ଲୋକଙ୍କ ପାଖରେ ପହଂଚିଛି । ଏହି ସମସ୍ତଙ୍କୁ ମିଶାଇ ୫୭.୫ ମିଲିୟନ୍‌ରୁ ଅଧିକା ଲୋକମାନଙ୍କ ନିକଟରେ ଜଲସାର କଭରେଜ୍ ପହଂଚିଲା ।

ସାମ୍ବାଦିକମାନଙ୍କୁ ଯେହେତୁ ଜଲସା ସାଲାନାକୁ ଆସିବା ପାଇଁ ଅନୁମତି ନଥିଲା ଏବଂ ପ୍ରେସ୍ ମିଡ଼ିଆର ଟିମ୍ ୟୁ କେ ଜମାଅତ୍ ର ତବଲିଗ୍ ବିଭାଗ ସହଯୋଗରେ ୩୨ ଜଣ ସାମ୍ବାଦିକଙ୍କୁ ଲଙ୍ଗରର ଖାଦ୍ୟ ପଠାଇଥିଲେ । ଏହାର ବି ସେମାନେ ବହୁତ ସକରାତ୍ମକ ପ୍ରତିକ୍ରିୟା ଦେଇ ଏହାକୁ ପ୍ରଶଂସା କରିଥିଲେ । ବି ବି ସି ସାଉଥ୍‌ର ପ୍ରତିନିଧି ସାମ୍ବାଦିକ ଏଡୱାର୍ଡ ସାଲ୍ଟ କହିଲେ ଯେ ମୁଁ ଜଲସାରେ ବହୁତ ଭଲା ସମୟ କାଟିଲି । ଆତିଥ୍ୟତା ଅତ୍ୟନ୍ତ ସୁନ୍ଦର ଥିଲା । ବିଭିନ୍ନ ଭାଷଣକୁ ଶୁଣିବା ମଧ୍ୟ ବହୁତ ଭଲ ଲାଗିଲା । ଆସନ୍ତାକୁ ମଧ୍ୟ ମୁଁ ଆପଣମାନଙ୍କ ସହିତ କାମ କରିବି । ଜଣେ ସାମ୍ବାଦିକ ଟେଭିନିଥା ସାହେବ କହିଲେ : ଆପଣଙ୍କ ଜମାଅତର ଉଦାରତା ଦେଖି ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି । ଆଉ ଜଣେ ସାମ୍ବାଦିକ ନତାଶା ଡେଭନ୍ ସାହିବା କହିଲେ : ଅସଲରେ ମୂଳତଃ ସବୁ ଧର୍ମ ହେଉଛନ୍ତି ସମାନ । ଭଲ ଲୋକମାନେ ଧର୍ମକୁ ଲୋକମାନଙ୍କୁ ଏକାଠି କରିବା ପାଇଁ ଏବଂ ଗରୀବମାନଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବହାର କରିଥାନ୍ତି । ଯେବେ କି ଖରାପ ଲୋକମାନେ ଧର୍ମକୁ ଖରାପ କାମ ପାଇଁ ବ୍ୟବହାର କରିଥାନ୍ତି । କିନ୍ତୁ ଏହି ଜଲସା ସାଲାନା ନିଶ୍ଚିତ ରୂପେ ଭଲ ଲୋକଙ୍କ ଉଦାହରଣ ।

ଏମ୍ ଟି ଏ ତରଫରୁ ଜଲସା ସାଲାନା ବିଷୟରେ ୧୮୮୫ ଟି ପୋଷ୍ଟସ୍ ,ଫୋଟୋ ଏବଂ ଭିଡ଼ିଓକୁ ସୋସିଆଲ୍ ମିଡ଼ିଆରେ ଅପଲୋଡ୍ କରାଯାଇଥିଲା । ଏହା ମାଧ୍ୟମରେ ଚାରି ମିଲିୟନ୍ ଲୋକଙ୍କ ନିକଟରେ ଖବର ପହଂଚିଲା । ଦୁଇ ଲକ୍ଷ ତେର ହଜାର୍ ଲୋକେ ସେହି ପୋଷ୍ଟଗୁଡ଼ିକୁ ପସନ୍ଦ କଲେ । ସୋସିଆଲ୍ ମିଡ଼ିଆରେ ତାହା ବିଷୟରେ ଆଲୋଚନା ପର୍ଯ୍ୟାଲୋଚନା କରାଗଲା । ୧୨୩୬ ଟି ଭିଡ଼ିଓ ଅପଲୋଡ୍ କରାଯାଇଥିଲା,ଯାହାକୁ ଦୁଇ ଲକ୍ଷ ଏକତିରିଶି ହଜାର ଲୋକ ଦେଖିଥିଲେ । ସେହି ଦେଖଣାହାରୀଙ୍କ ମୋଟ ସମୟକୁ ଯଦି ହିସାବ କରାଯାଏ ତାହେଲେ ଚାରି ଲକ୍ଷ ସତୁରୀ ହଜାର୍ ଘଂଟା ହେବ । ଏମ୍ ଟି ଏ ର ୱେବସାଇଟ୍‌କୁ ୨୪ ହଜାର ଲୋକ ୯୨ ହଜାର୍ ଥର ଦେଖିଛନ୍ତି ।

ଏମ୍ ଟି ଏ ଆଫ୍ରିକାର ରିପୋର୍ଟ ଏପରି ରହିଛି ଯେ କୋଡ଼ିଏଟି ଟି ଭି ଚ୍ୟାନେଲରେ ଜଲସା ସାଲାନାର ସିଧା ପ୍ରସାରଣ କରାଯାଇଥିଲା । ସେମାନଙ୍କ ମଧ୍ୟରୁ କିଛି ସରକାରୀ ଚ୍ୟାନେଲ୍ ଏବଂ କିଛି ଘରୋଇ ଚ୍ୟାନେଲ୍ ଥିଲା । କେତେକ ଚ୍ୟାନେଲ୍ ଏପରି ଥିଲେ,ଯାହା ସାରା ଦେଶରେ ଦେଖାଯାଇଥାଏ । ସେହି ଚ୍ୟାନେଲ୍ ଗୁଡ଼ିକ ମଧ୍ୟରେ ଗାମ୍ବିୟାର ଜାତୀୟ ଟି ଭି ,ସିରିଆଲିଓନର ନ୍ୟାସନାଲ୍ ଟି ଭି,ଲାଇବେରିଆର ନ୍ୟାସନାଲ୍ ଟି ଭି ଏବଂ ଅନେକ ପ୍ରାଇଭେଟ୍ ଚ୍ୟାନେଲ୍ ଅନ୍ତର୍ଭୁକ୍ତ ଅଛନ୍ତି । ଆଲମୀ ବୟତର ସମାରୋହ ମଧ୍ୟ ସେହି ସବୁଥିରେ ପ୍ରଦର୍ଶିତ କରାଗଲା । ୨୦ ଟି ଟି ଭି ଚ୍ୟାନେଲ୍ ଜରିଆରେ ମୋର ବକ୍ତବ୍ୟଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା । ଏହିପରି ୩୫ ମିଲିୟନ୍ ଲୋକଙ୍କ ନିକଟରେ ଏହା ପହଂଚିଥିଲା ।

ଜଲସାର ଲାଇଭ୍ କଭରେଜ୍ ବ୍ୟତୀତ ଜଲସା ସମ୍ବନ୍ଧୀୟ ଖବର ସାମଗ୍ରୀ ପ୍ରସ୍ତୁତ କରି ସମଗ୍ର ଆଫ୍ରିକାରେ ପଠାଯାଇଥିଲା । ଅତେବ୍ ଜଲସାର ତିନି ଦିନ ମଧ୍ୟରେ ପନ୍ଦରଟି ଚ୍ୟାନେଲ୍ ଜଲସା ସାଲାନା ବିଷୟରେ ଖବର ପ୍ରସାରଣ କରିଥିଲେ । ଯାହାର ପହଂଚ ପନ୍ଦର ମିଲିୟନ୍ ଲୋକ ପର୍ଯ୍ୟନ୍ତ ରହିଛି ।

ରିଭ୍ୟୁ ଆଫ୍ ରିଲିଜିଅନ୍ସ ଜରିଆରେ ମଧ୍ୟ ଯଥେଷ୍ଟ କଭରେଜ୍ କରାଯାଇଛି । ସୋସିଆଲ୍ ମିଡ଼ିଆ ଜରିଆରେ ଏବଂ ୟୁ ଟ୍ୟୁବ୍ ଜରିଆରେ ଏହାର କଭରେଜ୍ କରାଯାଇଛି । ଜଲସା ବିଷୟରେ ଚାଳିଶିଟି ଆଲେଖ୍ୟ ଲେଖାଯାଇଛି । ୧୨ଟି ଭିଡ଼ିଓ ତିଆରି କରାଯାଇଛି । ୧୧୦ରୁ ଅଧିକା ପୋଷ୍ଟ ଯୋଗ କରାଯାଇଛି । ତିନି ଲକ୍ଷ ଲୋକଙ୍କ ନିକଟରେ ଜଲସା କଭରେଜ୍ ପହଂଚିଛି ।

ଅତେବ୍ ଅଲ୍ଲାଃତାଲାଙ୍କ କୃପାରୁ ଜଲସାର ଅସଂଖ୍ୟ ଫଳ ରହିଛି ଯାହା ଅଲ୍ଲାଃ ଆମକୁ ପ୍ରଦାନ କରିଛନ୍ତି । ପ୍ରାପ୍ତ ହୋଇଥିବା ଘଟଣା ଏବଂ ମନ୍ତବ୍ୟଗୁଡ଼ିକ ରହିଛି,ଯାହା ବିଷୟରେ ମୁଁ କିଛିଟା ଉଦାହରଣ ଉପସ୍ଥାପନ କଲି । । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦୀଙ୍କ ଇମାନ୍ ଏବଂ ଆସ୍ଥାରେ ଉନ୍ନତି ପ୍ରଦାନ କରନ୍ତୁ ଏବଂ ଏହି ଜଲସାର ପ୍ରଭାବ ସ୍ଥାୟୀ ହେଉ ସାମୟିକ ନହେଉ ।

ନମାଜ ପାଠ କରିସାରିବା ପରେ ମୁଁ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ ......*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୂହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ:* *Abdul Chand & Family,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ:* *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

# : ଖୁତ୍‌ବା ଜୁମା :

ଯେବେ ଅଲ୍ଲାଃତାଲାଙ୍କ ବିଜୟ ଏବଂ ସାହାଯ୍ୟ ଆସିଯିବ,ସେତେବେଳେ ତୁମେ ଲୋକମାନଙ୍କୁ ଦେଖିବ ଯେ ସେମାନେ ଅଲ୍ଲାଃଙ୍କ ଦୀନ୍ (ଧର୍ମ)ରେ ଦଳ ଦଳ ହୋଇ ପ୍ରବେଶ କରୁଛନ୍ତି । ତେଣୁ ନିଜ ପାଳନକର୍ତାଙ୍କ ପ୍ରଶଂସାଗାନ କରିବା ସହିତ ତାହାଙ୍କ ସ୍ତୁତିଗାନ ଏବଂ ତାହାଙ୍କଠାରୁ କ୍ଷମା ପ୍ରାର୍ଥନା କର । ନିଶ୍ଚିତ ରୂପେ ସେ ବହୁତ କ୍ଷମା ପ୍ରଦାନକାରୀ ଅଟନ୍ତି ।

**ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍,ହଜରତ୍ ଅବୁ ବକର୍ ର ଅ ଙ୍କ ଖିଲାଫତ୍ ସମୟରେ ରୋମୀମାନଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯାନଗୁଡ଼ିକର ବ୍ୟାପକ ଚର୍ଚ୍ଚା**

ଅଲ୍ଲାଃତାଲାଙ୍କ ପ୍ରଶଂସାଗାନ କର ଯେ ସେ ତୁମମାନଙ୍କ ଉପରେ ଅନୁଗ୍ରହ କରିଛନ୍ତି ଏବଂ ତୁମକୁ ଗୋଟିଏ କଲିମାରେ ଏକତ୍ରିତ କରିଛନ୍ତି,ଏବଂ ତୁମ ମଧ୍ୟରେ ସୁଲାହ୍ କରାଇଛନ୍ତି । ତୁମକୁ ଇସଲାମର ମାର୍ଗଦର୍ଶନ କରାଇଛନ୍ତି ଏବଂ ତୁମମାନଙ୍କଠାରୁ ଶୟତାନକୁ ଦୂର କରିଛନ୍ତି । ସମସ୍ତ ପ୍ରଶଂସାର ପାତ୍ର ହେଉଛନ୍ତି ଅଲ୍ଲାଃ । ସେ ନିଜ ପ୍ରାଣୀମାନଙ୍କ ମଧ୍ୟରୁ ଯାହାଙ୍କୁ ଚାହାନ୍ତି ନିଜର ଆଶୀର୍ବାଦ ଏବଂ କଲ୍ୟାଣ ପ୍ରଦାନ କରିଥାନ୍ତି ।

---

ନସିର୍ ଅହେମଦ୍ ସାହେବ୍ ଶହୀଦ୍ ସୁପୁତ୍ର ଅବ୍ଦୁଲ୍ ଗନୀ ସାହେବ୍ (ରବୱା ନିବାସୀ)ଙ୍କ ଶାହାଦତ୍ ବିଷୟରେ ଚର୍ଚ୍ଚା ଏବଂ ନମାଜ ଜନାଯାଃ ଗାଏବ୍ ପାଠ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ୍[ଅ·ବ]**
**(ପ୍ରଦତ: ୧୯ ଅଗଷ୍ଟ ୨୦୨୨ ଅନୁଯାୟୀ ୧୯ ଜହୁର୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔
اَلْحَمْدُ لِلّٰهِ رَبِّ الْعٰلَمِيْنَ ۝ الرَّحْمٰنِ الرَّحِيْمِ ۝ مٰلِكِ يَوْمِ الدِّيْنِ ۝ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۝
اِهْدِنَا الصِّرَاطَ الْمُسْتَقِيْمَ ۝ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ବଦରୀ ସାହାବାମାନଙ୍କ ଚର୍ଚ୍ଚା କରାଯାଉଥିଲା । ସେମାନଙ୍କ ଚର୍ଚ୍ଚାରେ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଯୁଗ ବିଷୟରେ ଚର୍ଚ୍ଚା ଚାଲିଥିଲା । ତାଙ୍କ ଯୁଗରେ ଯେଉଁ ସବୁ ଘଟଣା ଘଟି ଯାଇଛି, ସେ ବିଷୟରେ ଚର୍ଚ୍ଚା ଚାଲିଥିଲା । ଆଜି ତାଙ୍କ ଖିଲାଫତ୍ ସମୟରେ ସିରିଆ ଆଡ଼କୁ ଯେଉଁ ଅଭିଯାନ କରାଯାଇଥିଲା,ସେ ସମ୍ପର୍କରେ ଚର୍ଚ୍ଚା କରାଯିବ । ଯେବେ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ବିଦ୍ରୋହୀମାନଙ୍କୁ ଦମନ କରିସାରିଲେ ଏବଂ ଆରବର ଅବସ୍ଥା ସ୍ଥିର ହୋଇଗଲା ସେତେବେଳେ ସେ ବାହ୍ୟ ଆକ୍ରୋଶର ଅନ୍ୟତମ ବିରୋଧି ମାନଙ୍କ ମଧ୍ୟରୁ ରୋମୀମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଚିନ୍ତା କଲେ । କିନ୍ତୁ ଏପର୍ଯ୍ୟନ୍ତ ସେ ବିଷୟରେ କାହାକୁ ବି ଅବଗତ କରିନଥିଲେ । ସେହି ଲୋକମାନେ ଏକ ଯୁଦ୍ଧଖୋର ମନବୃତି ରଖିଥିବା ଜାତି ଥିଲେ । ମୁସଲମାନମାନଙ୍କୁ ହରରାଣ ହରକତ୍ କରୁଥିଲେ । ସିରିଆର ଦେଶର ସରକାର,ଯାହା ଆଜିକାଲି ଆଧୁନିକ ସିରିଆ ଅଟେ,ତାକୁ ରୋମାନ୍ ସାମ୍ରାଜ୍ୟ କୁହାଯାଉଥିଲା । ସେଠିକାର ସମ୍ରାଟକୁ (ଅର୍ଥାତ ରୋମର ସମ୍ରାଟ)ଙ୍କୁ କୈସରେ ରୋମ୍ କୁହାଯାଉଥିଲା ।

ହଜରତ୍ ଅବୁ ବକର୍ ର ଅ ସେହି ଚିନ୍ତାରେ ଥିଲେ ଯେ ସେହି ସମୟରେ ହଜରତ୍ ଶୁରୈହ୍‌ବିଲ୍ ବିନ୍ ହସନାଃ ର ଅ ଆପଣଙ୍କ ନିକଟରେ ଉପସ୍ଥିତ ହୋଇ ଆପଣଙ୍କ ନିକଟରେ ବସିପଡ଼ିଲେ । ପୁଣି ସେ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଅ ସଙ୍କ ଖଲିଫା ! କ'ଣ ଆପଣ ସିରିଆ ଉପରେ ଆକ୍ରମଣ କରିବାକୁ ଚିନ୍ତା କରୁଛନ୍ତି ? ହଜରତ୍ ଅବୁ ବକର୍ ର ଅ କହିଲେ : ହଁ ଇଚ୍ଛା ତ ଅଛି କିନ୍ତୁ ଏପର୍ଯ୍ୟନ୍ତ କାହାରିକୁ ଜଣାଇନାହିଁ । ତୁମେ କ'ଣ ପାଇଁ ଏହି ପ୍ରଶ୍ନ ପଚାରିଲ ? ହଜରତ୍ ଶୁରୈହ୍‌ବିଲ୍ ବିନ୍ ହସନାଃ ର ଅ କହିଲେ ଯେ ହଁ ଆଜ୍ଞା ହେ ଅଲ୍ଲାଃଙ୍କ ରସୁଲ ସ ଅ ଙ୍କ ଖଲିଫା ! ମୁଁ ସ୍ୱପ୍ନରେ ଦେଖିଛି ଯେ ଆପଣ ନିଜ ସାଥିମାନଙ୍କ ସହିତ ଏକ କଠିନ ପାର୍ବତୀୟ ରାସ୍ତାରେ ଯାଉଛନ୍ତି । ପୁଣି ଆପଣ ଗୋଟିଏ ଉଚ୍ଚ ଶିଖର ଉପରେ ଚଢ଼ିଲେ ଏବଂ ଲୋକମାନଙ୍କ ଆଡକୁ ଦେଖିଲେ । ଆପଣଙ୍କ ସହିତ ଆପଣଙ୍କ ସାଥିମାନେ ବି ଅଛନ୍ତି । ତାପରେ ଆପଣ ସେହି ଶିଖରରୁ ଓହ୍ଲାଇ ଏକ ନମ୍ର ତଥା ଉର୍ବର ଜମି ଆଡକୁ ଆସିଲେ । ସେହି ଜମିରେ ଫସଲ,ଝରଣା ,ବସ୍ତି ଏବଂ କିଲ୍ଲା ଥିଲା । ପୁଣି ଆପଣ ମୁସଲମାନମାନଙ୍କୁ କହିଲେ ଯେ ମୁସରିକ୍ (ଅର୍ଥାତ୍ ବହୁ ଈଶ୍ୱରବାଦୀ ଅମାନ୍ୟକାରୀମାନଙ୍କ) ଉପରେ ଆକ୍ରମଣ କର । ମୁଁ ତୁମକୁ ବିଜୟ ଏବଂ ମାଲେ ଗନିମତ୍ (ଅର୍ଥାତ ଯୁଦ୍ଧରେ ଜିଣା ଯାଇଥିବା ଧନ ସମ୍ପତି) ର ଜମାନତ୍ ଦେଉଅଛି । ପୁଣି ମୁସଲମାନମାନେ ଆକ୍ରମଣ କରିଦେଲେ ଏବଂ ମୁଁ ମଧ୍ୟ ପତାକା (ଇସଲାମୀ ଧ୍ୱଜା) ସହିତ ସେହି ସେନାରେ ସାମିଲ ଥିଲି । ମୁଁ ଗୋଟିଏ ଗାଁ ଆଡ଼କୁ ଗଲି । ସେଥିରେ ରହୁଥିବା ବାସିନ୍ଦା ମୋଠାରୁ ସୁରକ୍ଷା ଲୋଡ଼ିଲେ । ସୁତରାଂ ମୁଁ ସେମାନଙ୍କୁ ସୁରକ୍ଷା ଦେଲି । ପୁଣି ମୁଁ ଆପଣଙ୍କ ନିକଟକୁ ଫେରି ଆସି ଦେଖିଲି ଯେ ଆପଣ ଗୋଟିଏ ବିରାଟ ବଡ଼ କିଲ୍ଲାରେ ପହଂଚି ଯାଇଥିଲେ ଏବଂ ଆପଣଙ୍କୁ ବିଜୟ ପ୍ରଦାନ କରାଯାଇଥିଲା । ସେମାନେ ଆପଣଙ୍କ ସହିତ ସୁଲାହ୍ (ଶାନ୍ତି ସନ୍ଧି)କରିବାକୁ ନିବେଦନ କଲେ । ପୁଣି ଆପଣଙ୍କ ନିମନ୍ତେ ଗୋଟିଏ ସିଂହାସନ ରଖିଲେ । ଆପଣ ସେଥିରେ ବସି ପଡ଼ିଲେ । ପୁଣି ଜଣେ ଆପଣଙ୍କୁ କହିଲା ଯେ ଅଲ୍ଲାଃତାଲା ଆପଣଙ୍କୁ ବିଜୟ ପ୍ରଦାନ କରିଛନ୍ତି ଏବଂ ଆପଣଙ୍କୁ ସାହାଯ୍ୟ କରିଛନ୍ତି । ତେଣୁ ଆପଣ ନିଜ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କରନ୍ତୁ ଏବଂ ତାହାଙ୍କ ଆଜ୍ଞା ପାଳନ କରନ୍ତୁ । ପୁଣି ସେହି ଲୋକ ଜଣକ ଏହି ଆୟତଗୁଡ଼ିକୁ ଆବୃତି କଲେ । ଇଜା ଜାଆ ନସରୁଲ୍ଲାହି ୱଲ୍ ଫତହ୍ । ୱରଅୟତନ୍ ନାସା ୟଦଖୁଲୁନା ଫି ଦୀନୀଲ୍ଲାହି ଅଫୱାଜା । ଫସବ୍‌ବିହି ବିହମଦି ରବ୍‌ବିକା ୱସ୍ ତଗଫିର୍ । ଇନ୍ନହୁ କାନା ତୱାବା । ଅର୍ଥାତ ଯେବେ ଅଲ୍ଲାଃତାଲାଙ୍କ ବିଜୟ ଏବଂ ସାହାଯ୍ୟ ଆସିଯିବ,ସେତେବେଳେ ତୁମେ ଲୋକମାନଙ୍କୁ ଦେଖିବ ଯେ ସେମାନେ ଅଲ୍ଲାଃଙ୍କ ଦୀନ୍ (ଧର୍ମ)ରେ ଦଳ ଦଳ ହୋଇ ପ୍ରବେଶ କରୁଛନ୍ତି । ତେଣୁ ନିଜ ପାଳନକର୍ତାଙ୍କ ପ୍ରଶଂସାଗାନ କରିବା ସହିତ ତାହାଙ୍କ ସ୍ତୁତିଗାନ ଏବଂ ତାହାଙ୍କଠାରୁ କ୍ଷମା ପ୍ରାର୍ଥନା କର । ନିଶ୍ଚିତ ରୂପେ ସେ ବହୁତ କ୍ଷମା ପ୍ରଦାନକାରୀ ଅଟନ୍ତି । ସେ କୁହନ୍ତି ଯେ ତାପରେ ମୋ ଆଖି ଖୋଲିଗଲା । ଏହା ଗୋଟିଏ ଲମ୍ବା ସ୍ୱପ୍ନ ଥିଲା ।

ଏହା ହଜରତ୍ ଅବୁ ବକର୍ ର ଅ ଶୁଣି କହିଲେ ଯେ ତୁମର ଆଖି ଶୀତଳ ହେଉ । ତୁମେ ବହୁତ ଭଲ ସ୍ୱପ୍ନ ଦେଖିଛ । ଆଗକୁ ଭଲ ହେବ ଇନଶାଅଲ୍ଲାଃ । ପୁଣି ହଜରତ୍ ଅବୁ ବକର୍ ର ଅ କହିଲେ : ଏହି ସ୍ୱପ୍ନରେ ତୁମେ ବିଜୟର ସୁସମାଚାର ଏବଂ ମୋ ମୃତ୍ୟୁର ଖବର ବି ଦେଇଦେଇଛ । ଏହି କଥା କହୁଥିବା ସମୟରେ ହଜରତ୍ ଅବୁ ବକର୍ ର ଅଙ୍କ ଆଖିରୁ ଲୁହ ଝରିପଡୁଥିଲା । ପୁଣ ହଜରତ୍ ଅବୁ ବକର୍ ର ଅ କହିଲେ : ଯେଉଁ ପଥୁରିଆ ଇଲାକାରେ ଆମେମାନେ ପାହାଡ଼ର ଶିଖର ଉପରେ ଚଢୁଥିଲେ ଏବଂ ସେଠାରୁ ତଳକୁ ଓହ୍ଲାଉଥିଲେ

ଏବଂ ସେଠାରୁ ତଳକୁ ଉଣ୍ଡି ଲୋକମାନଙ୍କୁ ଚାହିଁଲେ,ତାହାର ଅର୍ଥ ହେଲା ଏହା ଯେ ଆମକୁ ସେହି ସେନା ପ୍ରସଙ୍ଗରେ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିବ ଏବଂ ସେହି ସେନାଙ୍କୁ ମଧ୍ୟ ଯନ୍ତ୍ରଣା ଭୋଗିବାକୁ ହେବ । ତାପରେ ପୁଣି ଆମକୁ ବିଜୟ/ପ୍ରାଧାନ୍ୟତା ଏବଂ ସ୍ଥିରତା ପ୍ରାପ୍ତ ହେବ । ସେଠାରେ ପର୍ବତ ଶିଖରରୁ ଓହ୍ଲାଇ ଉର୍ବର ଜମି ଆଡ଼କୁ ଯିବା କଥା ସହିତ ଆମର ଯେଉଁ ସମ୍ପର୍କ ରହିଛି ଅର୍ଥାତ ସବୁଜ ଜମି ଏବଂ ସତେଜ ଫସଲ ,ଝରଣା ,ବସ୍ତି ଏବଂ କିଲ୍ଲା ଥିଲା । ତାହାର ଅର୍ଥ ହେଉଛି ଏହା କି ଆମେ ପୂର୍ବାପେକ୍ଷା ଅଧିକ ସହଜତା ପାଇବା ଯେଉଁଥିରେ ସମୃଦ୍ଧତା ଏବଂ ପ୍ରାଚୁର୍ଯ୍ୟତା ରହିଥିବ ଏବଂ ପୂର୍ବାପେକ୍ଷା ଅଧିକ ଉର୍ବର ଜମି ଉପଲବ୍ଧ ହେବ । ମୁସଲମାନମାନଙ୍କୁ ଶତ୍ରୁମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ମୋର ଯେଉଁ ନିର୍ଦ୍ଦେଶ ଥିଲା,ଏବଂ ମୁଁ ସେଥିରେ ବିଜୟ ଏବଂ ମାଲେ ଗନିମତର ଜମାନତ୍ ଦେଉଛି,ତାହାର ଅର୍ଥ ହେଉଛି ଏହା କି ମୁସଲମାନମାନଙ୍କୁ ମୁସରିକ୍ ମାନଙ୍କ ଦେଶ ଆଡ଼କୁ ପଠାଇବା ଏବଂ ସେମାନଙ୍କୁ ଜିହାଦ୍ କରିବା ପାଇଁ ପ୍ରୋତ୍ସାହିତ କରିବା । ଯେଉଁଠି ଧ୍ଵଜା ସମ୍ବନ୍ଧୀୟ କଥା ଉଠୁଛି, ଯାହା ତୁମ ନିକଟରେ ଥିଲା ଏବଂ ଯାହାକୁ ତୁମେ ଧରି ସେହି ବସ୍ତିମାନଙ୍କ ମଧ୍ୟରୁ ଗୋଟିଏ ବସ୍ତି ଆଡ଼କୁ ଯାଇଥିଲ ଏବଂ ସେଥିରେ ପ୍ରବେଶ ହେଲ ଏବଂ ସେଠିକାର ଲୋକମାନେ ତୁମଠାରୁ ସୁରକ୍ଷା ମାଗୁଥିଲେ,ଏବଂ ତୁମେ ସେମାନଙ୍କୁ ସୁରକ୍ଷା ଦେଲ । ତାହାର ଅର୍ଥ ହେଉଛି ଏହା କି ତୁମେ ସେହି ଅଂଚଳକୁ ଜିତିଥିବା ଅମୀରମାନଙ୍କ ମଧ୍ୟରୁ ଜଣେ ହେବ ଏବଂ ଅଲ୍ଲାଃତାଲା ତୁମ ହାତରେ ବିଜୟ ପ୍ରଦାନ କରିବେ । ପୁନର୍ବାର ଯେଉଁ କିଲ୍ଲା ଉପରେ ଅଲ୍ଲାଃତାଲା ଆମକୁ ବିଜୟ ପ୍ରଦାନ କଲେ,ତାହାର ଅର୍ଥ ହେଉଛି ସେହି ଇଲାକ,ଯାହାକୁ ଅଲ୍ଲାଃତାଲା ମୋ ପାଇଁ ବିଜୟ ପ୍ରଦାନ କରିବେ । ସେଠାରେ ଯେଉଁ ସିଂହାସନ ଥିଲା ଏବଂ ଯାହା ଉପରେ ମୋତେ ତୁମେ ବସିଥିବାର ଦେଖିଲ । ତାର ଅର୍ଥ ହେଉଛି ଏହାକି ଅଲ୍ଲାଃତାଲା ମୋତେ ସମ୍ମାନ ଏବଂ ଉଚ୍ଚ ପଦମର୍ଯ୍ୟାଦା ପ୍ରଦାନ କରିବେ ଏବଂ ମୁସରିକ୍‌ମାନଙ୍କୁ ଅସମ୍ମାନ ଏବଂ ଅପମାନିତ କରିବେ । ଏବଂ ଯେଉଁଠି ସେହି ଲୋକର କଥା ଉଠୁଛି,ଯିଏ ମୋତେ ପୂଣ୍ୟକର୍ମ ଏବଂ ଅଲ୍ଲାଃତାଲାଙ୍କ ଆଜ୍ଞାବହତା ସ୍ଵୀକାର କରିବାକୁ କହୁଥିଲେ ଏବଂ ମୋ ସମ୍ମୁଖରେ ସୁରଃ ନସର୍ ଆବୃତି କରୁଥିଲେ,ତାହାର ଅର୍ଥ ହେଉଛି ଏହା କି ସେ ମତେ ମୋ ମୃତ୍ୟୁର ଖବର ଦେଉଥିଲା । ଯେବେ ଏହି ସୁରଃ ନବି କରିମ୍ ସ ଅ ସ ଙ୍କ ଉପରେ ଅବତୀର୍ଣ୍ଣ ହେଲା,ଆପଣ ସ ଆ ସ ଜାଣିଗଲେ ଯେ ଏହି ସୁରଃରେ ଆପଣଙ୍କ ଦେହାନ୍ତ ହେବାର ଖବର ଦିଆଯାଇଅଛି ।

**(ଅଲଇକତଫାଅ ବିମା ତଜମନାଃ ମିନ୍ ମଗାଜି ରସୁଲୁଲ୍ଲାଃ....ଖ-୦୨, ଭାଗ-୦୧,ପୃ-୧୦୯-୧୧୦ ଆଲିମୁଲ୍ କୁତୁବ୍ ବେରୁତ୍ ୧୯୯୭)(ତାରିଖେ ଦମସ୍କ ଅଲକବୀର୍ ,ଖ-୦୧,ଭାଗ-୦୨ ପୃ-୪୪,ଜିକ୍ର ଏହତମାମେ ଅବୁ ବକର୍ ....)(ମରଦାନ୍ ଆରବ୍ ,ଭାଗ-୦୧ ଅଜ୍ ଅଲ୍ଲାମାଃ ଅବ୍ଦୁଲ୍ ସତାର୍ ହମଦାନୀ ପୃ-୧୦୮-୧୦୯, ମୁଦ୍ରିତ ୨୦୧୩)**

ହଜରତ୍ ଅବୁ ବକର୍ ର ଅ ସେହି ସ୍ଵପ୍ନର ଅର୍ଥ ବାହାର କଲେ ।

ସେ ଯାହା ବି ହେଉ ହଜରତ୍ ଅବୁ ବକର୍ ର ଅ ସିରିଆ ବିଜୟ ପାଇଁ ସେନା ପ୍ରସ୍ତୁତ କରିବା ପାଇଁ ମନବଳାଇଲେ । ସୁତରାଂ ସେ ପରାମର୍ଶ ପାଇଁ ହଜରତ୍ ଉମର୍ ର ଅ ,ହଜରତ୍ ଉସମାନ୍ ର ଅ ,ହଜରତ୍ ଅଲୀ ର ଅ ,ହଜରତ୍ ଅବ୍ଦୁର୍ ରହମାନ୍ ବିନ୍ ଅଓଫ୍ ର ଅ ,ହଜରତ୍ ଜୁବୈର୍ ର ଅ ,ହଜରତ୍ ତଲହା ର ଅ , ହଜରତ୍ ସାଆଦ୍ ବିନ୍ ଅବି ଓ୍ଵକାସ୍ ର ଅ ,ହଜରତ୍ ଅବୁ ଉବୈଦାଃ ବିନ୍ ଜରରାହ୍ ର ଅ ଏବଂ ବଦର ଯୁଦ୍ଧରେ ସାମିଲ୍ ହୋଇଥିବା ବଡ ବଡ ମୁହାଜିର୍ ସାହାବା ଏବଂ ଅନସାରୀ ସାହାବାମାନଙ୍କୁ ଏବଂ ଅନ୍ୟାନ୍ୟ ସାହାବା ମାନଙ୍କୁ ଡ଼କାଇପଠାଇଲେ । ଯେବେ ଏହି ସାହାବା ମାନେ ଆପଣ ର ଅଙ୍କ ନିକଟରେ ହାଜର ହେଲେ,ଆପଣ ର ଅ କହିଲେ : ଅଲ୍ଲାଃଙ୍କର ଅସୁମାରୀ ପରସ୍କାର ରହିଛି । କର୍ମ ତାହାର ପ୍ରତି ବଦଳ ହୋଇପାରିବ ନାହିଁ । ଏହି କଥା ଯୋଗୁଁ ଅଲ୍ଲାଃତାଲାଙ୍କ ପ୍ରଶଂସାଗାନ କର ଯେ ସେ ତୁମମାନଙ୍କ ଉପରେ ଅନୁଗ୍ରହ କରିଛନ୍ତି ଏବଂ ତୁମକୁ ଗୋଟିଏ କଲିମାରେ ଏକତ୍ରିତ କରିଛନ୍ତି,ଏବଂ ତୁମ ମଧ୍ୟରେ ସୁଲାହ୍ କରାଇଛନ୍ତି । ତୁମକୁ ଇସଲାମର ମାର୍ଗଦର୍ଶନ କରାଇଛନ୍ତି ଏବଂ ତୁମମାନଙ୍କଠାରୁ ଶୟତାନକୁ ଦୂର କରିଛନ୍ତି ।

ଏବେ ସଇତାନକୁ ତୁମର ସିର୍କରେ ଲିପ୍ତ ହେବା ତଥା ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାକୁ ପୂଜା କରିବା ପାଇଁ ଆଶା ରହିଲା ନାହିଁ । ଆଜି ଆରବୀୟ ମାନେ ଗୋଟିଏ ସମ୍ପ୍ରଦାୟ ହୋଇଯାଇଛନ୍ତି । ସେମାନେ ଗୋଟିଏ ମାଆ ବାପାଙ୍କ ସନ୍ତାନ ଅଟନ୍ତି । ମୋର ମତ ହେଉଛି ଏହା କି ମୁଁ ସେମାନଙ୍କୁ ରୋମୀୟମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ସିରିଆ ପଠାଇବି । ସେମାନଙ୍କ ମଧ୍ୟରୁ ଯିଏ ମୃତ୍ୟ ବରଣ କରିବ ସେ ଶହୀଦ୍ ହେବ । ଅଲ୍ଲାଃତାଲା ପୂଣ୍ୟକର୍ମ କରୁଥିବା ଲୋକମାନଙ୍କ ପାଇଁ ଉତମ ପ୍ରତିଫଳ ସାଇତି ରଖିଛନ୍ତି । ଯେଉଁମାନେ ଜୀବିତ ରହିବେ,ସେମାନେ ଇସଲାମ୍ ଧର୍ମର ସୁରକ୍ଷା କରି ଜୀବିତ ରହିବେ ଏବଂ ଅଲ୍ଲାଃତାଲାଙ୍କ ଠାରୁ ମୁଜାହିଦୀନ୍‌ର ପୁସ୍କାର ପାଇବାକୁ ଯୋଗ୍ୟ ହେବେ । ଏହା ହେଉଛି ମୋର ମତାମତ । ଏବେ ଆପଣମାନେ ସମସ୍ତେ ମତେ ନିଜ ନିଜର ରାୟ ମୁତାବକ ପରମର୍ଶ ଦିଅନ୍ତୁ । ହଜରତ୍ ଅବୁ ବକର୍ ର ଅ ସେମାନଙ୍କଠାରୁ ପରାମର୍ଶ ଲୋଡ଼ିଲେ ।

ଏଥିରେ ହଜରତ୍ ଉମର୍ ର ଅ ଛିଡ଼ା ହୋଇ କହିଲେ ଯେ : ସମସ୍ତ ପ୍ରଶଂସାର ପାତ୍ର ହେଉଛନ୍ତି ଅଲ୍ଲାଃ । ସେ ନିଜ ପ୍ରାଣୀମାନଙ୍କ ମଧ୍ୟରୁ ଯାହାଙ୍କୁ ଚାହାନ୍ତି ନିଜର ଆଶୀର୍ବାଦ ଏବଂ କଲ୍ୟାଣ ପ୍ରଦାନ କରିଥାନ୍ତି ।

ଅଲ୍ଲାଃଙ୍କ ରାଣ ! ଯେବେ ବି କୌଣସି ଉତମ କାର୍ଯ୍ୟରେ ଆମେ ମାନେ ଆପଣଙ୍କଠାରୁ ଆଗକୁ ବଢିବାକୁ ଚାହିଁଛୁ ,ଆପଣ ସେଥିରେ ସର୍ବାଗ୍ରେ ରହିଛନ୍ତି । ଏହା ଅଲ୍ଲାଃତାଲାଙ୍କ ବିଶେଷ କୃପା ଏ ଅନୁଗ୍ରହ । ସେ ଯାହାକୁ ଇଚ୍ଛା କରନ୍ତି ଦିଅନ୍ତି ।

ଅଲ୍ଲାଃଙ୍କ ରାଣ ! ମୁଁ ଆପଣଙ୍କ ସହିତ ସେହି ଉଦ୍ଦେଶ୍ୟ ପାଇଁ ସାକ୍ଷାତ କରିବାକୁ ଚାହୁଁଥିଲି,ଯାହା ଏବେ ଆପଣ ବର୍ଣ୍ଣନା କଲେ । କିନ୍ତୁ ଅଲ୍ଲାଃଙ୍କୁ ଏହା ହିଁ ମଞ୍ଜୁର ଥିଲା ଯେ ମୁଁ ଆପଣଙ୍କୁ ସେହି କଥା କହି ପାରିଲି ନାହିଁ । ଆପଣ ସ୍ଵୟଂ ସେ ବିଷୟରେ କହିଦେଇଛନ୍ତି । ନିଶ୍ଚିତ ରୂପେ ଆପଣଙ୍କ ରାୟ ହେଉଛି ଠିକ୍ । ଅଲ୍ଲାଃ ଆପଣଙ୍କୁ ସଠିକ୍ ମାର୍ଗରେ ପରିଚାଳିତ ହେବା ପାଇଁ ବୁଦ୍ଧି ପ୍ରଦାନ କରିଛନ୍ତି ।

ପୁଣି ହଜରତ୍ ଅବଦୁର୍ ରହମାନ୍ ବିନ୍ ଅଓଫ୍ ର ଅ , ହଜରତ୍ ଉସମାନ୍ ବିନ୍ ଅଫାନ୍ ର ଅ ,ହଜରତ୍ ତଲାହ୍ ର ଅ ,ହଜରତ୍ ଜୁବୈର୍ ର ଅ ,ହଜରତ୍ ସାଆଦ୍ ର ଅ ,ହଜରତ୍ ଅବୁ ଉବୈଦାଃ ର ଅ , ହଜରତ୍ ସଇଦ୍ ବିନ୍ ଜୈଦ୍ ର ଅ , ହଜରତ୍ ଅଲୀ ର ଅ ଏବଂ ମଜଲିସରେ ଉପସ୍ଥିତ ଅନ୍ୟ ସମସ୍ତ ମୁହାଜିରମାନେ ଏବଂ ଅନସାରମାନେ ତାଙ୍କ ରାୟକୁ ସମର୍ଥନ ଜଣାଇ କହିଲେ ଯେ ଆମେମାନେ ଆପଣଙ୍କ କଥା ଶୁଣିବୁ ଏବଂ ମାନିବୁ ମଧ୍ୟ । ଆମେ ଆପଣଙ୍କ ନିର୍ଦ୍ଦେଶର ଅବମାନନା କରିବୁ ନାହିଁ ଏବଂ ଆପଣଙ୍କ କଥାରେ ଲବବେକ୍ କହିବୁ । ପୁଣି ହଜରତ୍ ଅବୁ ବକର୍ ର ଅ ଲୋକମାନଙ୍କୁ ଭାଷଣ ଦେବା ଉଦ୍ଦେଶ୍ୟରେ ପୁନର୍ବାର ଛିଡ଼ା ହେଲେ । ପ୍ରଥମେ ଆପଣ ର ଅ ଅଲ୍ଲାଃତାଲାଙ୍କ ପ୍ରଶଂସା କରିଲେ ଏବଂ ନବି କରିମ୍ ସ ଆ ସଙ୍କ ଉପରେ ଦରୁଦ୍ ଏବଂ ସଲାମ୍ ପ୍ରେରଣ କଲେ । ତାପରେ ପୁଣି କହିଲେ : ହେ ଲୋକମାନେ ! ନିସନ୍ଦେହ ଇସଲାମର ଆଶୀର୍ବାଦ ପ୍ରଦାନ କରି ଅଲ୍ଲାଃତାଲା ଆପଣମାନଙ୍କ ଉପରେ ବଡ଼ ଅନୁଗ୍ରହ କରିଛନ୍ତି । ଆପଣମାନଙ୍କୁ ଜିହାଦ ମାଧ୍ୟମରେ ସମ୍ମାନିତ କରିଛନ୍ତି । ଆପଣମାନଙ୍କୁ ଇସଲାମ ଧର୍ମ ଜରିଆରେ ଅନ୍ୟ ଧର୍ମଗୁଡ଼ିକ ଉପରେ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି । ତେଣୁ ହେ ଅଲ୍ଲାଃଙ୍କ ଭକ୍ତଗଣ ! ସିରିଆ ଦେଶରେ ରୋମୀୟ ମାନଙ୍କ ସହିତ ଯୁଦ୍ଧ କରିବା ପାଇଂ ପ୍ରସ୍ତୁତ ହୋଇଯାଅ । ଏବେ ମୁଁ ତୁମମାନଙ୍କର ଅମୀର ମାନଙ୍କୁ ନିଯୁକ୍ତି କରିବି ଏବଂ ତୁମମାନଙ୍କ କମାଣ୍ଡର୍ ନିଯୁକ୍ତି କରିବି । ତୁମେମାନେ ନିଜ ପାଳନକର୍ତାଙ୍କ ଆଜ୍ଞା ପାଳନ କରିବା ଉଚିତ । ନିଜ ଅମୀରମାନଙ୍କ ଆଜ୍ଞାର ଅବମାନନା କରିବା ଉଚିତ ନୁହେଁ । ନିଜ ନିୟତ୍‌କୁ ଅଲ୍ଲାଃଙ୍କ ଖୁସି ପାଇଁ ସ୍ଵତନ୍ତ୍ର ଏବଂ ଶୁଦ୍ଧ ରଖ । ନିଜର ଚରିତ୍ର ଏବଂ କର୍ମକୁ ଉତମରୁ ଉତମତର କରନ୍ତୁ । ଖାଦ୍ୟ ପେୟ ଠିକ ରଖନ୍ତୁ । ଅଲ୍ଲାଃତାଲା ଧାର୍ମିକ ଏବଂ ଦୟାଳୁମାନଙ୍କୁ ସାହାଯ୍ୟ ସମର୍ଥନ କରିଥାନ୍ତି ।

ହଜରତ୍ ଅବୁ ବକର୍ ର ଅ ହଜରତ୍ ବିଲାଲ୍ ର ଅଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ଯାଇ ଲୋକମାନଙ୍କ ମଧ୍ୟରେ ଏଲାନ୍ (ଘୋଷଣା) କରିବେ ଯେ ହେ ଲୋକମାନେ ! ନିଜର ରୋମୀୟ ଶତୃମାନଙ୍କ ବିପକ୍ଷରେ ଯୁଦ୍ଧ କରିବା ନିମନ୍ତେ ସିରିଆ ଆଡ଼କୁ ବାହାର ଏବଂ ମୁସଲମାନମାନଙ୍କ ଅମୀର୍ ହଜରତ୍ ଖାଲିଦ୍ ବିନ୍ ସଇଦ୍ ର ଅ ହେବେ ।

**(ଅଲଇକତଫାଅ ବିମା ତଜମନାଃ ମିନ୍ ମଗାଜି ରସୁଲୁଲ୍ଲାଃ....ଖ-୦୨, ଭାଗ-୦୧,ପୃ-୧୧୦-୧୧୪ ଆଲିମୁଲ୍ କୁତୁବ୍ ବେରୁତ୍ ୧୯୯୭)**

ସିରିଆ ବିଜୟ ସମ୍ବନ୍ଧରେ ହଜରତ୍ ଅବୁ ବକର୍ ର ଅ ସର୍ବପ୍ରଥମେ ହଜରତ୍ ଖାଲିଦ୍ ବିନ୍ ସଇଦ୍ ର ଅଙ୍କୁ ପଠାଇଲେ । ସୁତରାଂ ଗୋଟିଏ ରିଓ୍ଵାୟତ ଅନୁସାରେ ହଜରତ୍ ଅବୁ ବକର୍ ର ଅ ଯେବେ ହଜ୍ କରି ମଦିନା ଫେରିଲେ, ୧୩ ହିଜରିରେ ସେ ହଜରତ୍ ଖାଲିଦ୍ ବିନ୍ ସଇଦ୍ ର ଅଙ୍କୁ ଗୋଟିଏ ସେନା ଦଳ ସହିତ ସିରିଆ ଆଡ଼କୁ ପ୍ରେରଣ କଲେ । ଯେବେ କି ଆଉ କେତେକ କୁହନ୍ତି ଯେ ଯେତେବେଳେ ହଜରତ୍ ଅବୁ ବକର୍ ର ଅ ଖାଲିଦ୍ ବିନ୍ ଓ୍ଵଲିଦ୍ ର ଅଙ୍କୁ ଇରାକ ଆଡ଼କୁ ପଠାଇଥିଲେ,ସେତେବେଳେ ହଜରତ୍ ଖାଲିଦ୍ ବିନ୍ ସଇଦ୍ ର ଅଙ୍କୁ ସିରିଆ ଆଡ଼କୁ ପ୍ରେରଣ କରିଥିଲେ । ଅତେବ୍ ସର୍ବ ପ୍ରଥମ ଧ୍ଵଜା ଯାହା ସିରିଆ ନିମନ୍ତେ ଉତୋଳନ କରାଯାଇଥିଲା ,ତାହା ହଜରତ୍ ଖାଲିଦ୍ ବିନ୍ ସଇଦ୍ ର ଅଙ୍କର ଥିଲା ।

ଏତଦ୍ ବ୍ୟତୀତ ଆଉ ଏକ ରିଓ୍ଵାୟତରେ ଆସିଛି ଯେ ଯେବେ ହଜରତ୍ ଅବୁ ବକର୍ ର ଅ ମୁରତଦ୍ଦୀନ୍ ଙ୍କ ଖିଲାଫରେ ଏଗାରଟି ସେନା ଦଳ ପ୍ରସ୍ତୁତ କରି ପ୍ରେରଣ କରିଥିଲେ, ସେତେବେଳେ ହିଁ ହଜରତ୍ ଅବୁ ବକର୍ ର ଅ ହଜରତ୍ ଖାଲିଦ୍ ବିନ୍ ସଇଦ୍ ର ଅଙ୍କୁ ସିରିଆର ସୀମାର ସୁରକ୍ଷା ପାଇଁ ତୈମାଃ ଯିବା ନିମନ୍ତେ ଆଦେଶ ଦେଇଥିଲେ । ତତ୍ ସହିତ ଏ ଆଦେଶ ବି ଦେଇଥିଲେ ଯେ ନିଜ ସ୍ଥାନରୁ ହଟିବ ନାହିଁ ଏବଂ କେବଳ ସେହି ଲୋକମାନଙ୍କୁ ସେନାରେ ଭର୍ତି କରିବ ଯେଉଁମାନେ ମୁରତଦ୍ ହୋଇନଥିଲେ । କେବଳ ସେମାନଙ୍କ ସହିତ ଯୁଦ୍ଧ କରିବ ଯିଏ ତୁମମାନଙ୍କ ସହିତ ଯୁଦ୍ଧ କରିବେ । ଏପରିକି

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ଵରୂପ ଦ୍ଵିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2020-2022 Vol.7 Thursday 15 Dec 2022 Issue No. 50**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)

ମୋ ତରଫରୁ କୌଣସି ଆଦେଶ ନ ମିଳିବା ପର୍ଯ୍ୟନ୍ତ ମୋର ଏହି କଥା ଉପରେ ପରିଚାଳିତ ହେଉଥିବ । ତୈମାଃ ମଧ୍ୟ ସିରିଆ ଏବଂ ମଦିନା ମଧ୍ୟରେ ଥିବା ଗୋଟିଏ ସହରର ନାମ ।

**(ତାରିଖେ ତିବରୀ ଖ-୦୨ ପୃ-୩୩୨ ,ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨) (ଅଲକାମିଲ୍ ଫିତ୍ ତାରିଖ୍ ,ଖ-୦୨ ପୃ-୨୫୨ ,ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)(ଫରହଙ୍ଗ୍ ସିରତ୍ ,ପୃ-୭୮, ଜୱାର ଏକାଡ଼େମୀ କରାଚି)**

ହଜରତ୍ ଅବୁ ବକର୍ ର ଅ ରୋମୀମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ମଦିନା ବାସୀଙ୍କ ବ୍ୟତୀତ ଅନ୍ୟ ଇଲାକାର ମୁସଲମାନମାନଙ୍କୁ ମଧ୍ୟ ପ୍ରସ୍ତୁତ ହେବା ପାଇଁ ପ୍ରସ୍ତିତି ଆରମ୍ଭ କଲେ ଏବଂ ସେମାନଙ୍କୁ ଏହି ଜିହାଦରେ ସାମିଲ୍ ହେବା ପାଇଁ ପର୍ବତାଇଲେ

ଅତେବ୍ ହଜରତ୍ ଅବୁ ବକର୍ ର ଅ ୟମନବାସୀଙ୍କ ଆଡ଼କୁ ମଧ୍ୟ ଗୋଟିଏ ଚିଠି ଲେଖିଲେ । ଯାହାର ଆଲେଖ୍ୟ ଏପରି ଥିଲା । ଏହି ଚିଠି ରସୁଲୁଲ୍ଲାଃ ସ ଅ ସଙ୍କ ଖଲିଫାଙ୍କ ତରଫରୁ ୟମନବାସୀଙ୍କ ମଧ୍ୟରେ ଥିବା ମୁମିନିନ୍ ଏବଂ ମୁସଲମା୍ନ ପ୍ରତ୍ୟେକ ସଦସ୍ୟମାନଙ୍କ ନିମନ୍ତେ ଏବଂ ଯେଉଂମାନଙ୍କ ନିକଟରେ ଏହାକୁ ପଢାଯିବ,ସେମାନଙ୍କ ନିମନ୍ତେ ମୋର ସଲାମ୍ । ମୁଁ ତୁମମାନଙ୍କ ଆଗରେ ଅଲ୍ଲାଃଙ୍କ ପ୍ରଶଂସା କରୁଅଛି । ଯାହାଙ୍କ ବ୍ୟତୀତ ଆଉ କେହି ପୂଜାର ଅଧିକାରୀ ନାହାନ୍ତି । ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ଜିହାଦକୁ ଫର୍ଜ (ବାଧ୍ୟତା ମୂଳକ) କରିଛନ୍ତି । ଏବଂ ସେମାନଙ୍କୁ ଆଦେଶ ଦେଇଛନ୍ତି ଯେ ସେମାନେ ଏଥି ସକାଶେ କିଛିଟା ପ୍ରସ୍ତୁତି କରିବା ଭଲ ଭାବରେ ପ୍ରସ୍ତୁତି କରି ବାହାରନ୍ତୁ । ଅଲ୍ଲାଃତାଲା କହିଛନ୍ତି : **ୱ ଜାହଦୁ ବିଅମୱାଲକୁମ୍ ୱ ଅନଫୁସିକୁମ୍ ଫି ସବିଲିଲ୍ଲାଃ** ଏବଂ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜ ଧନ ଏବଂ ନିଜ ଜୀବନ ସହିତ ଜିହାଦ୍ କରନ୍ତୁ । ତେଣୁ ଜିହାଦ୍ ହେଉଛି ବାଧ୍ୟତାମୂଳକ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଏହାର ପ୍ରତିଫଳ ମହାନ୍ ରହିଛି । ଆମେ ମୁସଲମାନମାନଙ୍କୁ ସିରିଆରେ ରୋମୀମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଆଦେଶ ଦେଇଅଛୁ । ଏମାନଙ୍କର ନିୟତ ଭଲ ଏବଂ ଉଚ୍ଚ ସ୍ତରର । ଅତେବ୍ ହେ ଅଲ୍ଲାଃତାଲାଙ୍କ ଭକ୍ତଗଣ ! ନିଜ ପ୍ରଭୂଙ୍କ ପ୍ରତି ଥିବା କର୍ତ୍ତବ୍ୟ ଏବଂ ତାହାଙ୍କ ନବୀଙ୍କ ସୁନ୍ନତ୍ ରହିଛି । ଏହି ଦୁଇଟି ମଧ୍ୟରୁ ଗୋଟିଏ ପୁଣ୍ୟ କର୍ମ ନିମନ୍ତେ ଶୀଘ୍ର କର । ଶହୀଦ୍ ହୋଇଯାଅ ବା ବିଜୟ ପ୍ରାପ୍ତ କରି ମାଲେ ଗନିମତ୍ ନିଅ । ଅଲ୍ଲାଃତାଲା ନିଜ ଭକ୍ତଙ୍କର ନିଷ୍କ୍ରିୟ କର୍ମ ସନ୍ତୁଷ୍ଟ ହୁଅନ୍ତି ନାହିଁ କି ତା ଶତୃମାନଙ୍କ ବିପକ୍ଷରେ ଜିହାଦକୁ ପରିତ୍ୟାଗ କରିବା ଦ୍ୱାରା ସନ୍ତୁଷ୍ଟ ହୁଅନ୍ତି । ସେମାନେ (ଅର୍ଥାତ୍ ଶତୃମାନେ) ଯଦି ସତ୍ୟକୁ ଗ୍ରହଣ କରିନିଅନ୍ତି ଏବଂ ପବିତ୍ର କୁରଆନର ହିଦାୟତ୍ (ଶିକ୍ଷା)କୁ ମାନିନିଅନ୍ତି ତାହେଲେ ସେମାନଙ୍କ ସହିତ ଜିହାଦ୍ କରନାହିଁ । ଅଲ୍ଲାଃତାଲା ଆପଣମାନଙ୍କ ଦୀନ୍‌ର ସୁରକ୍ଷା କରନ୍ତୁ । ଆପଣମାନଙ୍କ ହୃଦୟକୁ ମାର୍ଗଦର୍ଶନ କରନ୍ତୁ । ଆପଣମାନଙ୍କ କର୍ମକୁ ପବିତ୍ରମୟ କରନ୍ତୁ ଏବଂ ଆପଣମାନଙ୍କୁ ଧୈର୍ଯ୍ୟ ଧରିଥିବା ମୁଜାହିଦ୍ଦୀନ୍ ଙ୍କ ପରି ପୁରସ୍କାର ପ୍ରଦାନ କରନ୍ତୁ ।

ହଜରତ୍ ଅବୁ ବକର୍ ର ଅ ଏହି ଚିଠି ହଜରତ୍ ଅନସ୍ ବିନ୍ ମାଲିକ୍ ର ଅଙ୍କ ହାତରେ ପ୍ରେରଣ କରିଲେ । ହଜରତ୍ ଅନସ୍ ବିନ୍ ମାଲିକ୍ ର ଅ କୁହନ୍ତି ଯେ ମୁଁ ୟମନରେ ପହଂଚିଲି ଏବଂ ଗୋଟିଏ ଗୋଟିଏ ଗାଁ ସାହି ଏବଂ ଗୋଟିଏ ଗୋଟିଏ କବିଲାରୁ ଆରମ୍ଭ କଲି । ମୁଁ ସେମାନଙ୍କ ସମ୍ମୁଖରେ ହଜରତ୍ ଅବୁ ବକର୍ ର ଅଙ୍କର ଚିଠି ପଢୁଥିଲି । ଯେବେ ମୁଁ ଚିଠି ପଢିବା ଶେଷ କରୁଥିଲି,ମୁଁ କହୁଥିଲି ଯେ ସମସ୍ତ ପ୍ରଶଂସାର ପାତ୍ର ହେଉଛନ୍ତି ଅଲ୍ଲାଃ ଏବଂ ମୁଁ ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହାନ୍ତି ଏବଂ ମୁହମ୍ମଦ୍ ହେଉଛନ୍ତି ଅଲ୍ଲାଃଙ୍କ ଦୂତ । ସ ଆ ସ । ମୁଁ ରସୁଲୁଲ୍ଲାଃଙ୍କ ଖଲିଫା ଏବଂ ମୁସଲମାନମାନଙ୍କ ଦୂତ ଅଟେ । ଭଲ ଭାବରେ ମନ ଧ୍ୟାନ ଦେଇ ଶୁଣନ୍ତୁ ! ମୁଁ ମୁସଲମାନମାନଙ୍କୁ ଏପରି ଅବସ୍ଥାରେ ଛାଡ଼ି ଆସିଛି ଯେ ସେମାନେ ଗୋଟିଏ ସୈନ୍ୟବାହିନୀ ଆକାରରେ ଏକତ୍ରିତ ହୋଇଛନ୍ତି । ସେମାନଙ୍କୁ ନିଜ ଶତୃଙ୍କ ଆଡ଼କୁ ଯିବା ପାଇଁ କେବଳ ଆପଣମାନଙ୍କର(ଅର୍ଥାତ ଆପଣମାନଙ୍କ ମଦିନା ଆଗମନର) ଅପେକ୍ଷା ରୋକି ରଖିଛି । ତେଣୁ ଆପଣମାନେ ନିଜ ଭାଇମାନଙ୍କ ଆଡ଼କୁ ଯଥା ଶୀଘ୍ର ଚାଲିଯାଆନ୍ତୁ । ହେ ମୁସଲମାନମାନେ ! ଅଲ୍ଲାଃ ତୁମମାନଙ୍କ ଉପରେ ଦୟା କରନ୍ତୁ । କ୍ରମଶଃ......

⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ......*

ବିଭାଗରେ ଜଣେ ଶିକ୍ଷକ ଏବଂ ପ୍ରିନ୍ସପାଲ୍ ରୂପେ ଅତ୍ୟନ୍ତ ସୁନ୍ଦର ଭାବରେ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ । ସେ ଜଣେ ୱାକିଫେ ଜିନ୍ଦେଗୀ ଥିଲେ । ଆଫ୍ରିକାରୁ ଫେରିବା ପରେ ସେ ପ୍ରାୟ ପାଂଚ ବର୍ଷ କାଳ ନାଏବ୍ ୱିକିଲୁଲ୍ ମାଲ୍ ସାନି ଏବଂ ପ୍ରାୟ ସାତ ବର୍ଷକାଳ ନାଏବ୍ ୱକିଲୁଲ୍ ମାଲ୍ ସାଲିସ୍ ଭାବରେ ସେବାକାର୍ଯ୍ୟ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ସିରିଆଲିଓନରେ ଜମାତି ସ୍କୁଲରେ ଶିକ୍ଷାଦାନ କରିଥିଲେ । ଯେମିତି କି ମୁଁ କହିସାରିଛି । ୧୯୭୧ ମସିହାରେ ସେ ନିୟମିତ ଭାବରେ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ । ୨୦୦୭ ମସିହା ଜାନୁଆରୀ ମାସ ପହିଲା ଦିନ ତାଙ୍କର ନିଯୁକ୍ତି ୱକିଲୁଲ୍ ମାଲ୍ ସାଲିସ୍ ଭାବରେ ହୋଇଥିଲା ।

ଏହିପରି ଭାବରେ ତାଙ୍କର ମୋଟ ସେବାକାର୍ଯ୍ୟର ଅବଧି ଅର୍ଦ୍ଧ ଶତାବ୍ଦୀରୁ ଅଧିକା । ତାଙ୍କ ପତ୍ନୀ ରଶିଦା ଲତିଫ୍ ସାହିବା କୁହନ୍ତି : ମୋ ସ୍ୱାମୀ ସିରିଆଲିଓନରେ ଥିଲେ ଏବଂ ମୁଁ ବିବାହ ହୋଇ ସେଠାକୁ ଗଲି । ସେଠାକୁ ଯିବା ମାତ୍ରେ ସେ ମତେ ପରାମର୍ଶ ଦେଲେ ଯେ ଜଣେ ୱାକିଫେ ଜିନ୍ଦେଗୀ (ଜୀବନ ଉତ୍ସର୍ଗକାରୀ) ଙ୍କ ପାଇଁ ଏଠାରେ ଏସୀୟ ଜିନିଷ କିଣି ଖାଇବା ବହୁତ କଷ୍ଟକର । ୱାକିଫେ ଜିନ୍ଦେଗୀ (ଜୀବନ ଉତ୍ସର୍ଗକାରୀ) ଏବଂ ତାଙ୍କ ପତ୍ନୀକୁ ସ୍ଥାନୀୟ ଖାଦ୍ୟ ଖାଇବା ଉଚିତ । ତେଣୁ ସ୍ଥାନୀୟ ଖାଦ୍ୟ ତିଆରି କରିବା ଶିଖିଯାଅ ଏତଦ୍ଦ୍ୱାରା ଆମକୁ ପରେ ବହୁତ ସହଜ ହୋଇଗଲା । ସେ ଅତ୍ୟନ୍ତ ସାଦା ମିଜାଜର ଥିଲେ । ସେ ବହୁତ ଯତ୍ନବାନ ଥିଲେ । ସମସ୍ତଙ୍କର ଖିଆଲ ରଖୁଥିଲେ । ତାଙ୍କ ସହକର୍ମୀମାନେ ମଧ୍ୟ ତାଙ୍କ ସଦବ୍ୟବହାର ବିଷୟରେ ବହୁତ କଥା କହିଛନ୍ତି । ପ୍ରତ୍ୟେକ ତାଙ୍କର ପ୍ରଶଂସାଗାନ କରୁଛନ୍ତି । ଅଲ୍ଲାଃତାଲା ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ଉପରେ ଦୟା କରନ୍ତୁ । ତାଙ୍କର ସ୍ତରକୁ ବୃଦ୍ଧି କରନ୍ତୁ । ତାଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ । ତାଙ୍କର ଗୋଟିଏ ସନ୍ତାନ ପିଲାଦିନେ ହିଁ ମୃତ୍ୟୁ ବରଣ କରିସାରିଛି । ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି । ସେମାନଙ୍କୁ ମଧ୍ୟ ସେମାନଙ୍କ ବାପାଙ୍କ ପୁଣ୍ୟକର୍ମକୁ ଜାରି ରଖିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ

ତୃତୀୟ ମୃତକ ହେଉଛନ୍ତି ଶ୍ରୀମାନ ମୁଶତାକ୍ ଅହେମଦ୍ ଆଲମ୍ ସାହେବ୍ ସୁପୁତ୍ର ଶ୍ରୀମାନ ମୁହମ୍ମଦ୍ ଆଲମ୍ ସାହେବ୍ ମରହୁମ୍ ମୀରାଭେଡ଼୍ ମୀର ପୁର୍ ଆଜାଦ୍ କାଶ୍ମୀର ନିବାସୀଙ୍କର । ୧୯ ଜୁଲାଇ ୨୦୨୨ ମସିହା ଦିନ ଷାଠିଏ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ଅଲ୍ଲାଃତାଲାଙ୍କ କୃପାରୁ ସେ ମୁସି ଥିଲେ । ତାଙ୍କ ପରିବାରରେ ତାଙ୍କ ପତ୍ନୀ ଶ୍ରୀମତି ଅଜମତ୍ ବି ବି ଙ୍କ ବ୍ୟତୀତ ଛଅ ଜଣ ପୁତ୍ର ଏବଂ ଦୁଇ ଜଣ ଝିଅ ଅଛନ୍ତି । ତାଙ୍କର ତିନି ଜଣ ପୁଅ ଏବଂ ଜଣେ ଜ୍ୱାଇଁ ହାଫିଜେ କୁରଆନ୍ (ଅର୍ଥାତ୍ ପବିତ୍ର କୁରଆନକୁ ମୁଖସ୍ତ କରିଛନ୍ତି) । ତିନିଜଣ ପୁଅ ମୁରବୀ ସିଲସିଲା ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହାଫିଜ୍ ମୁସୱିର୍ ଅହେମଦ୍ ମୁଜମ୍ମିଲ୍ ସାହେବ୍ ପଶ୍ଚିମ ଆଫ୍ରିକା ସିନିଗାଲରେ ଅଛନ୍ତି । ଦ୍ୱିତୀୟ ପୁତ୍ର ହାଫିଜ୍ ଏଖଲାକ୍ ଅହେମଦ୍ । ତୃତୀୟ ପୁତ୍ର ଅବ୍ଦୁଲ୍ ଖାଲିକ୍ ସାହେବ୍ ଯିଏ ପତ୍ନତତ୍ୱରେ ବିଶେଷଜ୍ଞ ହେବାପାଇଁ ତଖସସୁସ୍ କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଧୈର୍ଯ୍ୟ ଏବଂ ସାହସ ଦିଅନ୍ତୁ ଏବଂ ମରହୁମଙ୍କ ସହିତ ଦୟା ଆଚରଣ କରନ୍ତୁ । ଯେମିତି କି ମୁଁ କହିସାରିଛି ଯେ ନମାଜ ପରେ ମୁଁ ଏହି ମରହୁମ୍ ମାନଙ୍କର ନମାଜ୍ ଜନାଯାଃ ଗାଏବ୍ ପଢାଇବି ।

⌘⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**ହଦିସ୍ ନବଓ୍ୱି ସ:ଆ:ସ**

‘‘ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ’’

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan